

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:80✦12 July 2026 (Sunday)✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୮୦✦୧୨ ଜୁଲାଇ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁମାର ମଙ୍ଗଳମ୍ ବିର୍ଲା



ଭୁବନେଶ୍ୱର,୧୧/୭(ନି/ପ୍ର): ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ବୈଠକରେ ଓଡ଼ିଶାରେ ଗ୍ରୁପ୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବୃହତ୍ ପ୍ରକଳ୍ପର ସମୀକ୍ଷା ସହ ସେ ଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ବୈଠକର ଏକ ପ୍ରମୁଖ ନିଷ୍ପତି ଭାବେ ରାୟଗଡ଼ା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପ୍ରସ୍ତାବ ରଖାଯାଇଥିଲା । ପ୍ରାରମ୍ଭରେ ଏହି ପ୍ରକଳ୍ପ ୧ ମିଲିୟନ ଟନ ବାର୍ଷିକ କ୍ଷମତା ଏବଂ ପ୍ରାୟ ୮,୦୦୦ କୋଟି ଟଙ୍କା ବିନିଯୋଗ ସହ ଯୋଜନା କରାଯାଇଥିଲା । ବର୍ତ୍ତମାନ ପ୍ରକଳ୍ପର ଦୀର୍ଘ ମିଆଦି ସମ୍ଭାବନା ଏବଂ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ଗ୍ରୁପ୍ ପକ୍ଷରୁ ଅତିରିକ୍ତ ପ୍ରାୟ ୧୨,୦୦୦କୋଟି ଟଙ୍କା ବିନିଯୋଗ କରି ଆଉ ୨ ମିଲିୟନ ଟନ କ୍ଷମତା ବୃଦ୍ଧି କରିବାର ପ୍ରସ୍ତାବ ଦିଆଯାଇଛି । ଏହି ସମ୍ପ୍ରସାରଣ ପରେ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ୩ ମିଲିୟନ ଟନ ପ୍ରତି ବର୍ଷକୁ ବୃଦ୍ଧି ପାଇବ ଏବଂ ମୋଟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କାରେ ପହଞ୍ଚିବ । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟକ ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗୀ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂଆ ସୁଯୋଗ ଦେବ । ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଖଣିଜ ସମ୍ପଦକୁ ଅଧିକ ମୂଲ୍ୟ ସଂଯୋଜନ, ଉନ୍ନତ

## କଂସାରୀଗୁଡ଼ାରେ ୧୨ହଜାର କୋଟିର ନୂଆ ପୁଞ୍ଜିନିବେଶ ପ୍ରସ୍ତାବ

ଉତ୍ପାଦନ ଓ ଗୁଣବତ୍ତାପୂର୍ଣ୍ଣ ନିଯୁକ୍ତିରେ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣରେ ଆଲୁମିନିୟମ୍ ଶିଳ୍ପ ଏକ ମୁଖ୍ୟ ଭୂମିକା ନିଭାଇବ । ସେ ଆହୁରି ମଧ୍ୟ କହିଥିଲେ, ରାଜ୍ୟ କେବଳ ଆଲୁମିନା ଓ ଆଲୁମିନିୟମ୍ ଉତ୍ପାଦନରେ ନୁହେଁ, ବରଂ ରିଫାଇନିଂ, ପ୍ରାଥମିକ ଧାତୁ ଉତ୍ପାଦନ, ଡାଉନଷ୍ଟ୍ରିମ୍ ଏବଂ ଉନ୍ନତ ଉତ୍ପାଦ ନିର୍ମାଣ ସମେତ ସମଗ୍ର ଭାଲ୍ୟୁ ଚେନ୍ରେ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି । କଂସାରିଗୁଡ଼ା ରିଫାଇନାରୀ ବିସ୍ତାର ଏହି ଗତିକୁ ଆହୁରି ଶକ୍ତିଶାଳୀ କରିବ ଏବଂ ଓଡ଼ିଶାକୁ ଦେଶର ପ୍ରମୁଖ ଧାତୁ ଓ ଧାତୁ ପ୍ରକ୍ରିୟାକରଣ ହବ୍ ଭାବେ ସ୍ଥାପିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆଦିତ୍ୟ ବିର୍ଲା ଗ୍ରୁପ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଓ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ । ଜମି, ଭିତ୍ତିଭୂମି, ବିଦ୍ୟୁତ, ପାଣି, ଆବଶ୍ୟକ ସରକାରୀ ଅନୁମୋଦନ ଓ ଅନ୍ୟାନ୍ୟ ସୁବିଧା ସମନ୍ୱିତ ଭାବେ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

### ଚୀନରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମିକ୍ସଡ୍ ରିଲେ ଦଳକୁ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୧୧/୭(ନି/ପ୍ର): ଚୀନରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମିକ୍ସଡ୍ ରିଲେ ଦଳକୁ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଚୀନରେ ଆୟୋଜିତ ଏସିଆନ୍ ୟୁ୨୩ ଆଥଲେଟିକ୍ସ ଚାମ୍ପିଅନଶିପ୍ ୨୦୨୬ର ୪x୪୦୦ ମିଟର ମିକ୍ସଡ୍ ରିଲେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମିକ୍ସଡ୍ ରିଲେ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ଓଡ଼ିଶାର ଆସ୍ତିକ ପ୍ରଧାନ ଏହି ବିଜୟୀ ଦଳର ସଦସ୍ୟ ଅଟନ୍ତି ।

# ମହାନଦୀ ଜଳ ବିବାଦ ମାମଲା: ଆପୋସ ସାମଧାନ ପାଇଁ ଦୁଇ ରାଜ୍ୟର ସହମତି



ଭୁବନେଶ୍ୱର, ୧୧/୭(ନି/ପ୍ର): ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ ଶୁଣାଣିରେ ନୂଆ ମୋଡ଼ । ଆପୋସ ସାମଧାନ ପାଇଁ ଦୁଇ ରାଜ୍ୟର ସହମତି । ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ମୋହର ମାରିଲା ଛତିଶଗଡ଼ । ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବେଲା ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଜଳ ବିବାଦ ମାମଲାର ଶୁଣାଣି ହୋଇଛି । ଆଜିର ଶୁଣାଣି ୮ ବର୍ଷର ଶୁଣାଣି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୋଲି ଏଜି ପିତାମ୍ବର ଆଚାର୍ଯ୍ୟ କହିଛନ୍ତି । ଓଡ଼ିଶା ସହିତ ଆପୋସ ଆଲୋଚନା ଜରିଆରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଆଗ୍ରହୀ ଅଛନ୍ତି ବୋଲି ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ ଛତିଶଗଡ଼ ସରକାର ସ୍ପଷ୍ଟ କରିଛନ୍ତି । ଏହି ଆଲୋଚନା ଓ ସହମତି ଆଧାରରେ ଟ୍ରିବ୍ୟୁନାଲ ଛତିଶଗଡ଼ ଠାରୁ ଏକ ଲିଖିତ ପ୍ରତିଶ୍ରୁତି ଲୋଡ଼ିଛନ୍ତି । ଯାହାକୁ ଆଗାମୀ ଶୁଣାଣି ତାରିଖ ପୂର୍ବରୁ କୋର୍ଟରେ ଦାଖଲ କରାବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୁଲାଇ ମାସରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ପତ୍ର ବିନିମୟ ହୋଇଥିଲା । କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତା ଜରିଆରେ ଏହି ଜଳବଣ୍ଟନ ବିବାଦର ସମାଧାନ କରିବା ପାଇଁ ପ୍ରସ୍ତାବ ରହିଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଛତିଶଗଡ଼ ସରକାରଙ୍କୁ ଏହି ପ୍ରସ୍ତାବ ଦେଇଥିଲେ । ଯାହାକୁ ଛତିଶଗଡ଼ ତରଫରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କୁହାଯାଇଛି । ସି.ଡବ୍ଲୁ.ସିର ବୈଷୟିକ ବିଶେଷଜ୍ଞମାନଙ୍କ ଦୀର୍ଘ ଦିନର ଅଭିଜ୍ଞତାକୁ ଆଧାର କରି ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଚେଷ୍ଟା ଜାରି ରହିଛି । ଜୁଲାଇ ୨୩ ତାରିଖରେ ଟ୍ରିବ୍ୟୁନାଲ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ । ମାମଲାର ସମାଧାନ ପାଇଁ ଉଭୟ ରାଜ୍ୟର ଉଦ୍ୟମ ଜାରି ରହିଛି । ନିକଟରେ ଉଭୟ ରାଜ୍ୟର ବୈଷୟିକ ଟିମ୍ ୨୧ଟି ବୈଠକ କରିଛନ୍ତି । ଏଥିରେ କେନ୍ଦ୍ର ସରକାରଙ୍କ ସହଯୋଗ ରହିଛି ବୋଲି ଏଜି ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ରୁଷରୁ ତେଲ କିଣିବା ପଡ଼ିବ ମହଙ୍ଗା !



ୱାସିଂଟନ,୧୧/୭: ରୁଷରୁ ଅଶୋଧିତ ତେଲ ଏବଂ ପ୍ରାକୃତିକ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ନେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହିତ ସହମତ ହୋଇ ଚାରି ଜଣ ପ୍ରଭାବଶାଳୀ ଆମେରିକୀୟ ସିନେଟ୍ ସଦସ୍ୟ ରୁଷ ବିରୋଧୀ କଟକଣା ନେଇ ଏକ ନୂତନ ବିଲ୍ ଆଗକୁ ବଢ଼ାଇବାକୁ ଘୋଷଣା କରିଛନ୍ତି । ଏହି ପ୍ରସ୍ତାବିତ ଆଇନ ଭାରତକୁ ମଧ୍ୟ ପ୍ରଭାବିତ କରିବ ବୋଲି କୁହାଯାଉଛି । କାରଣ ଭାରତ ମଧ୍ୟ ରୁଷରୁ ଶକ୍ତି ଆମଦାନି ଜାରି ରଖିଛି ।ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ରିପବ୍ଲିକାନ୍ ସେନେଟର ଲିଣ୍ଡସେ ଗ୍ରାହାମ୍, ରିପବ୍ଲିକାନ୍ ସେନେଟର ରୋଜର ୱିକର ଏବଂ ଡେମୋକ୍ରାଟିକ୍ ସେନେଟର ରିଚାର୍ଡ ବ୍ଲୁମେନ୍ଥାଲ୍ ଏବଂ ଜିନ୍ ଶାହିନ ଏକ ମିଳିତ ବିବୃତିରେ ଏହି ଘୋଷଣା କରିଛନ୍ତି । ସେମାନେ କହିଛନ୍ତି ଯେ, ୟୁକ୍ରେନରେ ସାଧାରଣ ନାଗରିକଙ୍କ ଉପରେ ରୁଷ ଆକ୍ରମଣ ଜାରି ରଖିଥିବାରୁ, ରୁଷୀୟ ତେଲ ଏବଂ ଗ୍ୟାସ୍ କ୍ରୟ କରି ରୁଷର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଆର୍ଥିକ ଚାପ ପ୍ରୟୋଗ କରିବା ଅତ୍ୟନ୍ତ ଜରୁରୀ । ୨୦୨୫ ମସିହାର ଋଷିଆ ପ୍ରତିବନ୍ଧକ ଆଇନ ଅନୁଯାୟୀ,

## ଭାରତକୁ ଟାର୍ଗେଟ କରୁଛନ୍ତି ଟ୍ରମ୍ପ ପ୍ରଶାସନ

ଯେଉଁ ଦେଶଗୁଡ଼ିକ ରୁଷରୁ ତେଲ, ପ୍ରାକୃତିକ ଗ୍ୟାସ୍, ୟୁରାନିୟମ କିମ୍ବା ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦ କ୍ରୟ କରୁଛନ୍ତି ସେମାନଙ୍କ ସାମଗ୍ରୀ ଏବଂ ସେବା ଉପରେ ଆମେରିକା ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି । ପ୍ରାରମ୍ଭିକ ଡ୍ରାଫ୍ଟରେ ଏହି ପ୍ରକାରର ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କୁହାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବରେ କିଛି ପରିବର୍ତ୍ତନ କରାଯାଇଥିଲା ଏବଂ ଶୁଳ୍କ ବ୍ୟବସ୍ଥାକୁ କିଛିଟା କୋହଳ କରାଯାଇଛି । ଏହି ସଂଶୋଧିତ ବିଲ୍ ?ର ଚୂଡ଼ାନ୍ତ ସଂସ୍କରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ । ତେବେ ଆମେରିକାର ଜାତୀୟ ସୁରକ୍ଷା ସ୍ୱାର୍ଥରେ ଥିବା କ୍ଷେତ୍ରରେ କୌଣସି ଦେଶକୁ ୧୮୦ ଦିନ ପର୍ଯ୍ୟନ୍ତ ପ୍ରତିବନ୍ଧକ ଛାଡ଼ ପ୍ରଦାନ କରିବାକୁ ଏହି ବିଲ୍ ଆମେରିକା ରାଷ୍ଟ୍ରପତିଙ୍କୁ କ୍ଷମତା ପ୍ରଦାନ କରିବ । ଏହି ବିଲ୍ ସମ୍ପର୍କରେ ପୂର୍ବରୁ ଭାରତର ନାମ ଖୋଲାଖୋଲି ଭାବରେ ଉଲ୍ଲେଖ କରାଯାଇଛି । ଜୁନ୍ ୨୦୨୫ରେ, ସେନେଟର ଲିଣ୍ଡସେ ଗ୍ରାହାମ, ସୋସିଆଲ ମିଡିଆରେ ଭାରତ ଏବଂ ଚୀନ୍ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଯଦି ଉଭୟ ଦେଶ ରୁଷର ତେଲ ଏବଂ ଗ୍ୟାସ୍ କିଣି ରୁଷକୁ ସହାୟତା ଜାରି ରଖନ୍ତି, ତେବେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ । ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ଲାଗିବା ସତ୍ତ୍ୱେ ଭାରତ ରୁଷଠାରୁ ରିହାତି ଦରରେ ଯଥେଷ୍ଟ ପରିମାଣର ଅଶୋଧିତ ତେଲ କ୍ରୟ କରିଆସୁଛି । ଇରାନ ବିବାଦ ପରେ ଯୁକ୍ତରାଷ୍ଟ୍ର ରୁଷଠାରୁ ଶକ୍ତି କ୍ରୟ ପାଇଁ ଏକ ସାଧାରଣ ଲାଇସେନ୍ସ ସଂକ୍ଷେପରେ ଜାରି କରିଥିଲା, ଏହାକୁ ପ୍ରତିବନ୍ଧକରୁ ମୁକ୍ତ କରିଥିଲା, କିନ୍ତୁ ଏହି ଛାଡ଼ ଜୁନ୍ ୧୭ ତାରିଖରେ ଶେଷ ହୋଇଥିଲା । ଏହି ବିଲ୍କୁ ଆମେରିକାର ସିନେଟରେ ୮୪ ଜଣ ସଦସ୍ୟଙ୍କର ସମର୍ଥନ ମିଳିଛି । ଟ୍ରମ୍ପ ମଧ୍ୟ ପୂର୍ବରୁ ସୂଚାଇ ଦେଇଛନ୍ତି ଯେ, ଏହି ଆଇନକୁ ରୁଷ ଉପରେ ଚାପ ବୃଦ୍ଧି କରିବା ପାଇଁ ବିଚାର କରାଯାଇପାରେ ।

# ଆକ୍ରମଣ ପରେ ଇରାନ ପୁଣି ସକ୍ରିୟ:



## ପରମାଣୁ ଏବଂ କ୍ଷେପଣାସ୍ତ୍ର ଘାଟିଗୁଡ଼ିକ ଚଳଚଞ୍ଚଳ

ତେହେରାନ,୧୧/୭: ସାମ୍ପ୍ରତିକ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ପରେ, ଇରାନ ହୁଏତ ଏହାର କିଛି ପରମାଣୁ ଏବଂ କ୍ଷେପଣାସ୍ତ୍ର ସ୍ଥଳଗୁଡିକ ମରାମତି କରୁଛି ଏବଂ କିଛି ସ୍ଥଳକୁ ପୁନଃନିର୍ମାଣ କରୁଛି । ଜିଓସ୍ପାଟିଆଲ୍ ଇଣ୍ଟେଲିଜେନ୍ସ କମ୍ପାନି ଭାଣ୍ଟର ଦ୍ୱାରା ବିଶ୍ଳେଷଣ କରାଯାଇଥିବା ସାଟେଲାଇଟ୍ ଚିତ୍ର ଉପରେ ଆଧାରିତ ଜୁଲାଇ ୧୦ ରିପୋର୍ଟ ଏହା ଦାବି କରିଛି । ତଦନ୍ତ ଅନୁଯାୟୀ, ତେହେରାନର ଦକ୍ଷିଣ-ପୂର୍ବରେ ପାର୍ଚିନ୍ ସାମରିକ କମ୍ପ୍ଲେକ୍ସ ମଧ୍ୟରେ ଅବସ୍ଥିତ ତାଲେଘାନ୍-୨ କେନ୍ଦ୍ରରେ ମରାମତି କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଏହି କେନ୍ଦ୍ର ଏପରି ବିସ୍ଫୋରକ ଉପରେ କାମ କରୁଛି ଯାହାକୁ ପରମାଣୁ ଅସ୍ତ୍ର ତିଆରି ପାଇଁ ବ୍ୟବହାର କରାଯାଇପାରିବ । ଜୁନ୍ ୨୨ ଏବଂ ଜୁଲାଇ ୭ ରେ ନିଆଯାଇଥିବା ସାଟେଲାଇଟ୍ ଚିତ୍ରଗୁଡ଼ିକରୁ ଆକ୍ରମଣ ଦ୍ୱାରା ସୃଷ୍ଟି ହୋଇଥିବା ଗର୍ତ୍ତ ପାଖରେ ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି । ରିପୋର୍ଟ ଅନୁଯାୟୀ, କ୍ଷତିଗ୍ରସ୍ତ କୋଠାଗୁଡ଼ିକର ମରାମତି ଏବଂ ପୁନଃନିର୍ମାଣ ପାଇଁ ପ୍ରୟାସ ଚାଲିଛି । ଇସଫାହାନ ନିକଟରେ ଅବସ୍ଥିତ ପିକାକ୍ସ ପାହାଡ଼କୁ ଏକ ସନ୍ଦିଗ୍ଧ ଭୂତଳ ପରମାଣୁ କେନ୍ଦ୍ର ଭାବରେ ବିବେଚନା କରାଯାଏ । ଜୁନ୍ ୨୧ ତାରିଖର ସାଟେଲାଇଟ୍ ଚିତ୍ରଗୁଡ଼ିକ ସୁଡ଼ଙ୍ଗ ଭିତରକୁ ଯାନବାହାନ ଯାଉଥିବା ଏବଂ ବାହାରକୁ ଆସୁଥିବା ଦେଖାଉଛି । ଇରାନ ଏବଂ ଆମେରିକା ମଧ୍ୟରେ ବୁଝାମଣାପତ୍ର କାର୍ଯ୍ୟକାରୀ ହେଉଥିବା ସମୟରେ ଏହି କାର୍ଯ୍ୟକଳାପ ଘଟିଥିଲା । ତେବେ ଏହି ସାଟେଲାଇଟ୍ ଚିତ୍ରଗୁଡ଼ିକର ପ୍ରକାଶ ସତ୍ତ୍ୱେ, ଇରାନ ସରକାର କିମ୍ବା କୌଣସି ସ୍ୱାଧୀନ ଅନ୍ତର୍ଜାତୀୟ ପରମାଣୁ ଯାଞ୍ଚ ସଂସ୍ଥା ଏହି ସ୍ଥାନଗୁଡ଼ିକରେ ପ୍ରକୃତରେ କ'ଣ କାମ ଚାଲିଛି ତାହା ନିଶ୍ଚିତ କରିନାହାନ୍ତି । ଆମେରିକୀୟ ଗଣମାଧ୍ୟମ ଆକ୍ସିଓସର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଇରାନକୁ ଶନିବାର ପର୍ଯ୍ୟନ୍ତ ସାର୍ବଜନୀନ ଭାବରେ ଘୋଷଣା କରିବାକୁ ସମୟ ଦେଇଛନ୍ତି ଯେ, ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଖୋଲା ରହିବ ଏବଂ ବାଣିଜ୍ୟ ଜାହାଜ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ । ଏହି ବାର୍ତ୍ତା ସିଧାସଳଖ ଇରାନ ପାଖକୁ ଆଞ୍ଚଳିକ ମଧ୍ୟସ୍ଥି ମାଧ୍ୟମରେ ପଠାଯାଇଛି ।

## ପ୍ରବଳ ବର୍ଷାରେ ମୁମ୍ବାଇ ବେହାଲ

ମୁମ୍ବାଇ,୧୧/୭: ପ୍ରବଳ ମୌସୁମୀ ବର୍ଷା ପୁଣିଥରେ ମୁମ୍ବାଇର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ସହରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିବା ସହ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି । ରେଳ ଓ ବିମାନ ସେବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି । ଭାରତୀୟ ପାଣିପାଗ ବିଭାଗ (ଓଗଡ) ପକ୍ଷରୁ ଆଗାମୀ ଦିନରେ ମୌସୁମୀ ପ୍ରକୋପ କିଛି ହ୍ରାସ ପାଇବ ବୋଲି କୁହାଯାଇଥିଲେ ମଧ୍ୟ ବର୍ତ୍ତମାନର ବର୍ଷା ପ୍ରଭାବରେ ମୁମ୍ବାଇ-ପୁଣେ ରେଳ ମାର୍ଗ ଗୁରୁତର ଭାବେ ପ୍ରଭାବିତ ହୋଇଛି ।

# ୧୩ରୁ ଲଘୁଚାପ ବର୍ଷା

ଭୁବନେଶ୍ୱର,୧୧/୭(ନି/ପ୍ର): ଆସୁଛି ଆଉ ଏକ ଲଘୁଚାପ । ଏହା ପ୍ରଭାବରେ ଆସନ୍ତା ୧୩ ତାରିଖରୁ ୪ଦିନ ପର୍ଯ୍ୟନ୍ତ ଉତର ଓଡ଼ିଶାରେ ପ୍ରବଳ ବର୍ଷା ହେବ । ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଆସନ୍ତା ୧୨ତାରିଖ ପରେ ଉତର ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ପ୍ରଭାବରେ ଉତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏଥିଯୋଗୁଁ ରାଜ୍ୟର ଉତର ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି । ଏହାସହ ବାଲେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ୍ୟମଧରଣର ବର୍ଷାର ଆଶଙ୍କା ରହିଛି । ଅପରପକ୍ଷେ, ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି । ଭୁବନେଶ୍ୱରରେ ବର୍ଷା ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଲାଗି ରହିଥିଲା । ବର୍ଷାରେ ରାଜଧାନୀର ବିଭିନ୍ନ ତଳିଆ ଅଞ୍ଚଳରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ । ଅପରପକ୍ଷେ, ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଗତକାଲି ୧୦ଟି ଫାଟକ ଖୋଲା ଯାଇଥିବା ବେଳେ ଆଜି ସେଥିମଧ୍ୟରୁ ୨ଟି ବନ୍ଦ କରାଯାଇଛି । ଫଳରେ, ୮ଟି ଫାଟକ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ଜଳସ୍ତର ୬୧୫ ଫୁଟ୍ ହେବା ପରେ ଗତ ଗୁରୁବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା ।

# ଭାରତ କେବଳ ଏକ ବଜାର ନୁହେଁ, ଏହା ବିଶ୍ୱ ଅଭିବୃଦ୍ଧି ପାଇଁ ସୁଦୃଢ଼ ଲଞ୍ଚପ୍ୟାଡ୍: ପ୍ରଧାନମନ୍ତ୍ରୀ



ଅକଲାଣ୍ଡ,୧୧/୭: ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସମ୍ପର୍କ ଏକ ଐତିହାସିକ ମୋଡ଼ରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪୦ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ମାଟିରେ ପାଦ ଦେଇଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହୋଇ ଇତିହାସ ସୃଷ୍ଟି କରିଛନ୍ତି । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ସହିତ ଅକଲାଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ବ୍ୟବସାୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି, ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ରଣନୈତିକ ସମ୍ପର୍କ ବିଷୟରେ ଅନେକ ବଡ଼ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଭାରତ କେବଳ ଏକ ବଜାର ନୁହେଁ, ବରଂ ଏହା ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ସୁଦୃଢ଼ ଲଞ୍ଚପ୍ୟାଡ୍ ପାଲଟିଛି । ଦୁଇ ଦେଶ ମଧ୍ୟରେ ଐତିହାସିକ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ମାତ୍ର ନଅ ମାସର ରେକର୍ଡ ସମୟ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା(ଏଫଟିଏ)କୁ ସମାପ୍ତ କରିଛନ୍ତି । ଏହା ସମ୍ଭବତଃ ବିଶ୍ୱରେ ପ୍ରଥମ ଥର ପାଇଁ ଏକ ଏଫଟିଏ ଏତେ ଶୀଘ୍ର କାର୍ଯ୍ୟକାରୀ ହୋଇଛି । ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବ୍ୟବସାୟ ପାଇଁ ବଜାର ପ୍ରବେଶ, ନିବେଶ, ସେବା, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭା ଗତିଶୀଳତା ପାଇଁ ନୂତନ ଦ୍ୱାର ଖୋଲିବ । ଏହି ଚୁକ୍ତିନାମା ଆଧାରରେ, ୨୦୩୦ ସୁଦ୍ଧା ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଦ୍ୱିଗୁଣିତ ହେବ । ବ୍ୟବସାୟିକ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ଯେ, ଦୁଇ ଦେଶ ମଧ୍ୟରେ ଏହି ସହଯୋଗ ପାରସ୍ପରିକ ବୁଝାମଣା ଏବଂ ବିଶ୍ୱାସ ଉପରେ ଆଧାରିତ । ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନଶିଳ୍ପ ପର୍ଯ୍ୟନ୍ତ ଭାରତର ୧୪ ସେକ୍ଟରରେ ୨୦ ବିଲିୟନ ଡଲାର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି । ଭାରତର ନୀତି ଏବଂ ରାଜନୈତିକ ସ୍ଥିରତା ଏବଂ ଏହାର ନିରନ୍ତର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଏହି ନିବେଶ ଉଭୟ ଦେଶର ଅର୍ଥନୀତିକୁ ନୂତନ ଗତି ପ୍ରଦାନ କରିବ । ଭାରତର ଆର୍ଥିକ ଶକ୍ତି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାରରେ ପରିଣତ ହୋଇଛି । ସେ କହିଥିଲେ ଯେ ସେ ଭାରତର ୧୪୦ କୋଟି ଲୋକଙ୍କ ଆକାଂକ୍ଷା ଏବଂ ସ୍ୱପ୍ନର ବାର୍ତ୍ତା ନେଇ ମୁଁ ନ୍ୟୁଜିଲାଣ୍ଡ ଆସିଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତୀୟ ସଭ୍ୟତା ଏବଂ ନ୍ୟୁଜିଲାଣ୍ଡର ପାରମ୍ପରିକ ମାଓରି ସଂସ୍କୃତି ଗଭୀର ଭାବରେ ଜଡିତ, ଏବଂ ସେଥିପାଇଁ ଏହି ଐତିହାସିକ ଏଫଟିଏରେ ମାଓରି ପରମ୍ପରାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ।

# ବାହାମାସରେ ଭୟଙ୍କର ବିମାନ ଦୁର୍ଘଟଣା: ୧୦ ଜଣଙ୍କର ଦୁଃଖଦ ମୃତ୍ୟୁ



ସାନ ଜୁଆନ,୧୧/୭: ବାହାମାସରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ସରକାର ଫ୍ଲେମିଙ୍ଗୋ ଏୟାରର ଉଡ଼ାଣକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛନ୍ତି । ଏହି ଦୁର୍ଘଟଣା ଦ୍ୱୀପପୁଞ୍ଜର ରାଜଧାନୀ ନାସାଉର ପଶ୍ଚିମରେ ଅବସ୍ଥିତ ଉତର ଆଣ୍ଡ୍ରୋସରେ ଘଟିଛି । ବାହାମାସର ପ୍ରଧାନମନ୍ତ୍ରୀ ଫିଲିପ୍ ବ୍ରେଭ୍ ଡେଭିସ୍ ପ୍ରଥମେ ଜଣେ ବ୍ୟକ୍ତି ବଞ୍ଚି ଯାଇଥିବା କହିଥିଲେ । କିନ୍ତୁ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିତ କରିଥିଲେ ଯେ ସେହି ବ୍ୟକ୍ତି ତାଙ୍କ ଆଘାତରୁ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । କିନ୍ତୁ ୧୦ ଜଣଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି । ସେ କହିଛନ୍ତି, ଯେଉଁ ଲୋକମାନେ ବାହାମାସର ସ୍ୱାଧୀନତାର ୫୩ତମ ବାର୍ଷିକୀ ପାଳନ କରୁଛନ୍ତି, ଆମେ ସେମାନଙ୍କର ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରୁଛୁ । ଏହି ଦିନଟି ଶୋକର ଦିନରେ ପରିଣତ ହୋଇଛି । ଆମେ ସେହି ପରିବାର ପ୍ରତି ଆମର ଗଭୀର ସମବେଦନା ପ୍ରକାଶ କରୁଛୁ ।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


## ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ

କେନ୍ଦୁଝର, ୧୧/୭(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ ଠାରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ' ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡ଼ଓ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତଓରେ ଅନୁଷ୍ଠିତ ଏହି ବୈଠକ ରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକ ର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି ଓ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବରେ କେନ୍ଦୁଝର ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ।। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ସାମିଲ କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଉ ୫ ଟି ବ୍ଲକ ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଫଳରେ ଜିଲ୍ଲାରେ ମୋଟ ଆକାଂକ୍ଷୀ ବ୍ଲକ ସଂଖ୍ୟା ୭ କୁ ବୃଦ୍ଧି ପାଇଛି ଓ ୨୦୨୪ ମସିହା ଜୁଲାଇରୁ ସେପଟ୍ମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ୧.୦ ଅନ୍ତର୍ଗତ ୬ ଟି ପ୍ରମୁଖ ସୁଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ ୩ ଟି ରେ ଏବଂ ବାଂଶପାଳ ବ୍ଲକ ୨ ଟି ରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି ଓ ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି ଓ 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଦ୍ୱିତୀୟ:୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ ଟି ବ୍ଲକ ରେ ଶୁଭାରମ୍ଭ କରାଯାଇଥିଲା ଓ ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିଲା । ଯେଉଁଥିରେ ଶିଶୁଙ୍କ ପୃଷ୍ଟିକର ଖାଦ୍ୟ, ଅଙ୍ଗନବାଡି କେନ୍ଦ୍ରରେ ପାନୀୟ



ଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିକ୍ଷା ସ୍ୱାସ୍ଥ୍ୟ ଓ ମୌଳିକ ଭିତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହଉଛି । ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରତ୍ୱପୁର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୁଚକାଙ୍କ ରେ ବ୍ଲକ ମାନଙ୍କ ମଧ୍ୟରେ ରାଙ୍କୀଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି । ଏହା ଦ୍ୱାରା ଏହି ଅଂଚଳ ଗୁଡିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି । ପରେ ପରେ କେନ୍ଦୁଝର ଆକାଂକ୍ଷୀ ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଉପନିର୍ଦ୍ଦେଶକ( ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ୭ ଗୋଟି ବ୍ଲକ ର ବିଡ଼ିଓ ଓ ଅନ୍ୟ ବ୍ଲକ ଅଧିକାରୀ ଆଭାସୀ ମାଧ୍ୟମରେ ଓସ୍ୱାନ କେନ୍ଦ୍ରରୁ ଯୋଗ ଦେଇଥିଲେ ।

## ଡକାୟତି ମାମଲାରେ ୨ ଗିରଫ; ଅସ୍ତ୍ରଶସ୍ତ୍ର ଏବଂ ନଗଦ ଜବତ

କେନ୍ଦୁଝର,୧୧/୭(ନି/ପ୍ର): କେନ୍ଦୁଝର ଟାଉନ୍ ପୋଲିସ ଭାରତୀୟ ନ୍ୟାୟ ସଂହିତା ବା ବିଏନଏସର ଧାରା ୩୦୯(୪) ଅନ୍ତର୍ଗତ ୦୯.୦୭.୨୦୨୬ରେ କେନ୍ଦୁଝର ଟାଉନ୍ ପି.ଏସ୍. ମାମଲା ନଂ. ୬୭୯ ରେ ପଞ୍ଜିକୃତ ଏକ ଡକାୟତି ମାମଲାକୁ ସଫଳତାର ସହ ଚିହ୍ନଟ କରିଛି। ଏକ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି ଯେ କିଛି ଦୁର୍ବୃତ, ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି,ମଣ୍ଡୁଆ ନିକଟରେ ଏକ କଚ୍ଚା ରାସ୍ତାରେ ଯାନବାହାନ ଅଟକାଇଥିଲେ, ଯାତ୍ରୀମାନଙ୍କୁ ଧମକ ଦେଇଥିଲେ ଏବଂ ସେମାନଙ୍କଠାରୁ ଜୋରଜବରଦସ୍ତି ଟଙ୍କା ଆଦାୟ କରିଥିଲେ। ତଦନ୍ତ ସମୟରେ, ପୋଲିସ ଅଭିଯୋଗକାରୀ ଏବଂ ଅନ୍ୟ ସାକ୍ଷୀମାନଙ୍କୁ ଯାଂଚ କରିଥିଲା, ପ୍ରମାଣ ସଂଗ୍ରହ କରିଥିଲା ଏବଂ ଚଢାଉ କରିଥିଲା। ବିଶ୍ୱସ୍ତ ପ୍ରମାଣ ଆଧାରରେ, କାଶୀପୁର ଗ୍ରାମର ନିରଞ୍ଜନ ଗାଗରାଇ ଓରଫ କାଳିଆ ମୁଣ୍ଡା (୪୦),କୈବଲ୍ୟ ମୁଣ୍ଡା ଓରଫ ଗାଗରାଇ (୨୫)ଙ୍କୁ ଗିରଫ କରିଛି। ତଲାସୀ ସମୟରେ, ପୋଲିସ ଗୋଟିଏ ଲୁହା ଧାରୁଆ ଅସ୍ତ୍ର,ଗୋଟିଏ ଲୁହା ହାତୁଡ଼ି ଏବଂ ୨,୦୦୦ ଟଙ୍କା, ଯାହା ଲୁଟ ହୋଇଥିବା ଟଙ୍କା ବୋଲି ସନ୍ଦେହ କରାଯାଉଛି।ଉଦ୍ଧୃତ ଟଙ୍କାକୁ ଉପଯୁକ୍ତ ଜିମାନାମା ପରେ ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଛି। ସମସ୍ତ ଆଇନଗତ ଔପଚାରିକତା ପାଳନ କରିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ଏବଂ ରିମାଣ୍ଡ ପାଇଁ କୋର୍ଟକୁ ପଠାଯାଇଛି। ଅନ୍ୟାନ୍ୟ ସମାନ ଅପରାଧରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ଜାଣିବା ଏବଂ ଅପରାଧରେ ସମ୍ପୃକ୍ତ କୌଣସି ସହଯୋଗୀଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ବାଜି ରାଉତ କଲେଜର ୫୧ ତମ ପ୍ରତିଷ୍ଠା ଦିବସ

ଭୁବନ,୧୧/୭(ନି/ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ମହାବିଦ୍ୟାଳୟଟି ୫୧ ବର୍ଷ ପୂର୍ବେ ଆଜିର ଦିନରେ ସହିଦ୍ ବାଜି ରାଉତଙ୍କ ନାମରେ ପ୍ରତିଷ୍ଠା ହୋଇ ଶିକ୍ଷା, ସଂସ୍କୃତି ର ଉଜ୍ଜ୍ୱଳ ପ୍ରତୀକ ଭାବେ ଦିନକୁ ଦିନ ଅଗ୍ରଗତି କରିଚାଲିଛି । ଛାତ୍ର ଛାତ୍ରୀ ମାନେ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ପ୍ରାପ୍ତି ହେବା ସହ କଲେଜ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ବିଧାୟକ ଶ୍ରୀଯୁକ୍ତ ଜେନା ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଡ଼ିଓ ଶ୍ରୀମତୀ ଆୟୁଷୀ ମହାପାତ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିବା ଜରୁରୀ ବୋଲି କହିଥିଲେ ।

## ଚମ୍ପୁଆ ଉପଖଣ୍ଡସ୍ତରୀୟ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ

ଚମ୍ପୁଆ,୧୧/୭(ନି/ପ୍ର): ଚମ୍ପୁଆ ଦଧିବାମନ ଜୀଉଙ୍କର ପବିତ୍ର ରଥଯାତ୍ରା କିପରି ସୂଚାରୁ ରୂପେ ସମ୍ପାଦନ ହୋଇପାରିବ ସେଥିନିମନ୍ତେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଓ ପରିଚାଳନା କମିଟିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଏସଡିପିଓ ରଶ୍ମି ରଞ୍ଜନ ସାହୁ, ତହସିଲଦାର ସତ୍ୟବ୍ରତ ସାହୁ, ଚମ୍ପୁଆ ଏସଡିଏମଓ ବିଜୟ କେତନ ଦାସ, ଓକିଲ ସଂଘ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଚମ୍ପୁଆ ସହକାରୀ ଜିଲ୍ଲାପାଳ ସୌମେନ୍ଦ୍ର ଦାସ, ଚମ୍ପୁଆ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ଅଗ୍ନିଶମ ବିଭାଗ ଅଧିକାରୀ ଗୌରାଙ୍ଗ ସିଂ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ମୁଖ୍ୟ କିରାଣୀ ପ୍ରକାଶ କୁଣ୍ଟୁ, ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ମହତାବ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଏନସିସି ଅଫିସର ଗିରିଶ ଚନ୍ଦ୍ର ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଏନସିସି ଅଫିସର ବସନ୍ତ କୁମାର ମହାନ୍ତ, ପରିଚାଳନା କମିଟି ସଦସ୍ୟ ଧିରୋଜ ଚାଉଡା, ବିଷ୍ଣୁ ଚରଣ ପାଣି, ଧରଣୀଧର ଦାସ, ତରୁଣ ସାହୁ, ଅରୁଣ ପତି, ମୁଖ୍ୟ ପୂଜକ ଚମ୍ପେଶ୍ୱର ମିଶ୍ର, ସ୍ୱାଧିନ କୁମାର ସିଂ, ହବି ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ । ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ କାର ?ୟଖସଡା ଚୂଡାନ୍ତ କରାଯାଇଥିଲା । ସେଥି ନିମନ୍ତେ ଏକ କୋର କମିଟି ଗଠନ କରି ତାର ତଦାରଖ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ରଥଦଉଡ଼ି, କର୍ତ୍ତନ ଦଉଡ଼ି, ରଥଟଣା, ସୁରକ୍ଷିତ ପ୍ରସାଦ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ରଥ ସାଜସଜ୍ଜା, ଟ୍ରାଫିକ ପରିଚାଳନା, ପୋଲିସ ସହାୟତା କେନ୍ଦ୍ର, ସୂଚନା କେନ୍ଦ୍ର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପାନୀୟଜଳ ଯୋଗାଣ ବ୍ୟବସ୍ଥା, ବୟସ୍କ ବ୍ୟକ୍ତିଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରା ଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ନିତିକାନ୍ତି ଉପରେ ଆଲୋଚନା କରାଯାଇଥିଲା । ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଚମ୍ପୁଆ ସହିତ ଉପଖଣ୍ଡର ଝୁମ୍ପୁରା, ଯୋଡ଼ା ମ୍ୟୁନିସିପାଲିଟି, ଯୋଡ଼ା ବ୍ଲକ, ବଡ଼ବିଲ ଆଦି ଅଂଚଳର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ କନ୍ଧମାଳ ଜିଲାସ୍ତରୀୟ ପ୍ରତିଯୋଗୀତା
## ୮ ଜଣ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ

କନ୍ଧମା,୧୧/୭(ନି/ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନଶୀଳ ଓ ବୌଦ୍ଧିକ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ୨୦୨୬ ପାଳନ ଅବସରରେ କନ୍ଧମାଳରେ ପ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି ।ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ, ସହରାଂଚଳ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି ଏବଂ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ଶ୍ରୀ ଯୁଧିଷ୍ଠିର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ। ନିଜ ବକ୍ତବ୍ୟରେ ଅତିଥିଦ୍ୱୟ କହିଥିଲେ ଯେ, ମାତୃଭାଷା ଓଡ଼ିଆର ସମୃଦ୍ଧ ପରମ୍ପରାକୁ ନୂତନ ପିଢ଼ିଙ୍କ ନିକଟରେ ପହଂଚାଇବା ଏବଂ ସେମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏଭଳି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।ଏହି ଅବସରରେ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବନ୍ଧ ପ୍ରତିଯୋଗିତାରେ ଡ଼. ବିରଂଚି ନାରାୟଣ ସାହୁ, ରମାକାନ୍ତ ମଙ୍ଗରାଜ ଓ ରବୀନ୍ଦ୍ର ମିଶ୍ର, ବିତର୍କ ପ୍ରତିଯୋଗିତାରେ ଯୁଧିଷ୍ଠିର ମହାନ୍ତି, ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ତ୍ରିଲୋକନାଥ ସେନାପତି, କବିତା ଆବୃତି ପ୍ରତିଯୋଗିତାରେ ସନ୍ତୋଷ କୁମାର ତ୍ରିପାଠୀ, ରାମକୃଷ୍ଣ ମହାନ୍ତି ଓ ନୃସିଂହନାଥ ମହାପାତ୍ର ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅସିତ କୁମାର ନନ୍ଦ, ଅଶୋକ ମହାନ୍ତି ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତିନିଆଲ ନାଇକା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରିଷ୍ଠ ବର୍ଗର ମିତାଲି ରାଣୀ ସାହୁ(ପ୍ରବନ୍ଧ), ସାଇ ଶୁଭମ ମହାନ୍ତି (ବିତର୍କ), ରୟାଲ ତ୍ରିପାଠୀ (କବିତା ଆବୃତି) ଓ ସ୍ୱାଧୀନ ସାହୁ (ସାଧାରଣ ଜ୍ଞାନ) ଏବଂ କନିଷ୍ଠ ବର୍ଗର ସିମରନ୍ ଦିଗାଲ (ପ୍ରବନ୍ଧ), ସାଇସ୍ନେହା ସାହୁ (ବିତର୍କ), ଶ୍ରୀୟା ଲକ୍ଷ୍ମୀ ସାହୁ (କବିତା ଆବୃତି) ଓ ସ୍ମୃତି ସୌରଭ ପାଣିଗ୍ରାହୀ (ସାଧାରଣ ଜ୍ଞାନ) ଆସନ୍ତା ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର-୨୦୨୬ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବାବେଳେ ଶେଷରେ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ, ଶିକ୍ଷକ, ଅଭିଭାବକ ଓ ଉପସ୍ଥିତ ସାହିତ୍ୟପ୍ରେମୀ ମାନଙ୍କୁ ଧନ୍ୟବାଦ ଜଣାଇ ସଭାସାଙ୍ଗ କରିଥିଲେ ।ଏହି ଅବସରରେ ବହୁ ସାହିତ୍ୟିକ, ଶିକ୍ଷାବିତ୍, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ



କେନ୍ଦୁଝର,୧୧/୭(ନି/ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), କେନ୍ଦୁଝର ନଗର ତରଫରୁ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୮ତମ ସ୍ଥାପନ ଦିବସ ଅବସରରେ ଏକାଧିକ ସମାଜସେବାମୂଳକ ଓ ରାଷ୍ଟ୍ରଭକ୍ତିମୂଳକ କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରୁ ହୋଇଥିବା ଏକ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ହୋଇଥିଲା। ଛାତ୍ରଛାତ୍ରୀ ଓ ଏବିଭିପି କାର୍ଯ୍ୟକର୍ତାମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣରେ ଏହି ଶୋଭାଯାତ୍ରା ଧରଣୀଧର ବିଶ୍ୱବିଦ୍ୟାଳୟରୁ ବାହାରି ମାଣ୍ଡୁଅସ୍ଥିତ ମା' ତାରିଣୀ ମନ୍ଦିର ପର୍ଯ୍ୟନ୍ତ ପହଂଚିଥିଲା। ସମଗ୍ର ଯାତ୍ରାପଥରେ ରାଷ୍ଟ୍ରଭକ୍ତି, ଛାତ୍ରଶକ୍ତି ଓ ସାମାଜିକ ଦାୟିତ୍ୱବୋଧର ବାର୍ତା ପ୍ରଦାନ କରାଯାଇଥିଲା। ଏହାପରେ ମାଣ୍ଡୁଅସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତି ପରିସରରେ ଏବିଭିପି କାର୍ଯ୍ୟକର୍ତାମାନେ ସ୍ୱଚ୍ଛତା ହିଁ ସେବାର ପ୍ରେରଣାକୁ ସାକାର କରି ଏକ ସ୍ୱଚ୍ଛତା ଅଭିଯାନ ପରିଚାଳନା କରିଥିଲେ। ପ୍ରତିମୂର୍ତି ପରିସରକୁ ସଫା-ସୁତୁରା କରିବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ଯୁବସମାଜ ପ୍ରତି ତାଙ୍କର ପ୍ରେରଣାଦାୟକ ବାର୍ତାକୁ ସ୍ମରଣ କରାଯାଇଥିଲା। ସେହିପରି ସ୍ଥାପନ ଦିବସକୁ ସେବା ସମର୍ପଣର ଭାବନା ସହ ପାଳନ କରିବା ଉଦ୍ଦେଶ୍ୟରେ ଧରଣୀଧର ମେଡିକାଲରେ ଚିକିତ୍ସାଧୀନ ରୋଗୀ ଓ ସେଠାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଓ ସେମାନଙ୍କ ସହ ଆସିଥିବା ପରିଜନମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଏବିଭିପି ସମାଜ ପ୍ରତି ନିଜର ସେବା, ସମର୍ପଣ ଓ ରାଷ୍ଟ୍ରନିର୍ମାଣର ସଂକଳ୍ପକୁ ପୁନର୍ବ୍ୟକ୍ତ କରିଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତାମାନେ ରାଷ୍ଟ୍ରହିତ, ସମାଜସେବା ଓ ଛାତ୍ରସମାଜର ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ।

## କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ଲଜ୍ଜିତ କରିଛି-ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ

କେନ୍ଦୁଝର,୧୧।୭(ନି/ପ୍ର):ସୁଦୂର ତାମିଲନାଡୁରେ ଥିବା ଏକ ଖାଦ୍ୟ ପ୍ରକ୍ରିୟାରଣ ଶିଳ୍ପରେ କେନ୍ଦୁଝର ଜିଲ୍ଲାର ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଦଳ । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ହୋଇଥିବା ବିଜେଡି ତଥ୍ୟ ଅନୁସନ୍ଧାନକାରୀ ଦଳ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଗୁରୁବାର ଦିନ କେନ୍ଦୁଝର ଜିଲ୍ଲରେ ତେଲକୋଇ,ବାଂଶପାଳ ଓ ହରିଚନ୍ଦନପୁର ଗସ୍ତ କରି ମୃତ୍ୟୁବରଣ କରିଥିବା ବାଳିକାଙ୍କ ପରିବାରବର୍ଗଙ୍କୁ ଭେଟିବା ପରେ ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଭେଟିବା ସହିତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି କେନ୍ଦୁଝର ଜିଲ୍ଲାର ଦୁଇଗୋଟି ଘଟଣା ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା ଓ ୧୫ଜଣ ଆଦିମ ଜନଜାତି ଜୁଆଙ୍ଗ ବାଳିକାଙ୍କ ମୃତ୍ୟୁ ଜାତୀୟ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ଆଲୋଡନ ଖେଳାଇ ଦେଇଥିବାବେଳେ ପ୍ରଶାସନ କେନ୍ଦୁଝର ଜିଲ୍ଲାରେ ବିଫଳ ହୋଇଛି ବୋଲି ପ୍ରକାଶ କରିଥିଲେ । ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତର ଭାବେ ନେଇ ତାଙ୍କ ଅନୁସୁଚିତ ଜାତି ଓ ଜନଜାତି ମନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇବା ପାଇଁ ବିଜେଡି ଦାବୀ କରିଛି । ରାଜ୍ୟରେ ଥିବା ୧୩ଗୋଟି ଆଦିମ ଜନଜାତି ଆଜି ବିଶେଷ ଭାବରେ ଅବହେଳିତ ଅବସ୍ଥାରେ ଥିବାବେଳେ କୁବେରପୁରୀ କେନ୍ଦୁଝରରେ ଦାରିଦ୍ର ?ୟ ସୀମା ଲଂଘନ କରିଛି । କେନ୍ଦୁଝର ଜିଲ୍ଲାର ଏହି ଜୁଆଙ୍ଗ ଜନଜାତିମାନଙ୍କ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ଜୁଆଙ୍ଗ ଉନ୍ନୟନ ସଂସ୍ଥା,ମନରେଗା ଯୋଜନା,ଭିବିଜି-ରାମଜି, ଜିବୀକା ମିଶନ,ବ୍ଲକ ପ୍ରଶାସନ,ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦି ବିଫଳ ହୋଇଥିବା କଥା ଶ୍ରୀ ଦାସବର୍ମା ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର୧୪ଜଣ ଜୁଆଙ୍ଗ ବାଳିକା ଓ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଜଣେ ବାଳିକାଙ୍କ ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ସ୍କୁଲ ଯିବା କଥା ସେମାନେ ଦାଦନ ଖଟିବାକୁ ଯାଇଥିବାବେଳେ କେତେ ଜଣ ଜୁଆଙ୍ଗ ଦାଦନ ଖଟିବାକୁ ଯାଇଛନ୍ତି,କେତେ ଜଣଙ୍କର ଶବ ଫେରିଛି, କେତେଜଣ ଚିକିତ୍ସିତ ହେଉଛନ୍ତି ଆଉ କେତେ ଜଣ ଅଛନ୍ତି ତାହା ରାଜ୍ୟବାସୀ ଜାଣିବାର ଅଧିକାର ଅଛି ବୋଲି ଶ୍ରୀ ଦାମବର୍ମା କହିଛନ୍ତି । ଡବଲ ଇଂଜିନ ସରକାର ପ୍ରତ୍ୟେକଟି କ୍ଷେତ୍ରରେ ବିଫଳ ହୋଇଛନ୍ତି ବୋଲି ସେ କହିଥିବାବେଳେ କେନ୍ଦୁଝର ଜିଲ୍ଲା ପ୍ରଶାସନ



ଶତକଡା ୯୦ପ୍ରତିଶତ ଜୁଆଙ୍ଗ ଗ୍ରାମକୁ ଯାଇନାହାନ୍ତି ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଅଭିଯୋଗ କରିଥିଲେ । ଜିତୁ ମୁଣ୍ଡା ଘଟଣା ସହ ଜୁଆଙ୍ଗଙ୍କ ମୃତ୍ୟୁ ପ୍ରମାଣିତ କରିଛି ଯେ, ରାଜ୍ୟରେ ଓ କେନ୍ଦୁଝର ଜିଲ୍ଲାରେ ବ୍ୟବସ୍ଥା ବିଫଳ ହୋଇଛି । କେବଳ ପ୍ରଚାରରେ ଦେଶ ବା ରାଜ୍ୟର ବିକାଶ ହୁଏ ନାହିଁ,ଏଥିପାଇଁ ନିଷ୍ଠା ଓ ଆଗ୍ରହ ଆବଶ୍ୟକ ବୋଲି ସେ କହିଥିବାବେଳେ ଜୁଆଙ୍ଗମାନଙ୍କୁ ବିକାଶର ଧାରାକୁ ତ୍ୱରାନ୍ୱିତ କରିବାକୁ ସେ ଦାବୀ କରିଥିଲେ । କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ ଯେ ଜୁଆଙ୍ଗ ଗାଁ ମାନଙ୍କୁ ସବୁଦିନିଆ ରାସ୍ତା ହେବା ଆବଶ୍ୟକ । ଅତୀତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସବୁଦିନିଆ ରାସ୍ତା ହୋଇଥିବାବେଳେ ଏବେ ବର୍ଷାରେ କଟ ଅଫ ହୋଇଥିବା ଗାଁ ଗୁଡିକ ପ୍ରତି ସରକାର ଦୃଷ୍ଟି ଦଇ ଯୁଦ୍ଧକାଳୀନ ଭାବରେ ରାସ୍ତା କରିବା ଆବଶ୍ୟକ । ବାଂଶପାଳ ବ୍ଲକର ରାଇଗୋଡା ଗ୍ରାମର ଜଣେ ୫ବର୍ଷର ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ କରିବା ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଘୋର ଉଦବେଗ ପ୍ରକାଶ କରି କହିଥିଲେ ଯେ, ପିଡୀତାଙ୍କୁ ଭେଟିବାକୁ ଏହି ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବାବେଳେ ବେଡ ଅଭାବରୁ ସେ ତଳେ ଚିକିତ୍ସିତ ହେଉଛନ୍ତି ବୋଲି ଦେଖିବାକୁ ପାଇଥିଲେ ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରୀ ରାୟ କହିଥିଲେ ଯେ, ରାଜ୍ୟରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଷୁଡି ପଡିଛି । ଏହୀ ସାମ୍ବାଦିକ ସମ୍ମିଳନୀରେ ସୋର ବିଧାୟକ ମାଧବ ଧଡା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ,ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର,ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ,ମୟୁରଭଞ୍ଜ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଦେବାଶିଷ ମାରାଣ୍ଡି,ଧନୁର୍ଜୟ ସିଦ୍ଧୁ,ଜିଲ୍ଲା ଯୁବ ଜନତା ଦଳ ସଭାପତି ରାକେଶ ରାମ,ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ,ମୀନା ମାଝୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା କୋଷାଧକ୍ଷ ରକ୍ଷାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୃତ୍ୟୁବରଣ କରିଥିବା ଜୁଆଙ୍ଗ ପରିବାରଙ୍କୁ ବିଜେଡି ପକ୍ଷରୁ ୨୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ।

## ବିଭିନ୍ନ ଦାବୀ ନେଇ ଆଶାକର୍ମୀଙ୍କ ବିକ୍ଷୋଭ

ଜୟପୁର,୧୧/୭(ନି/ପ୍ର): କୋରାପୁଟ ଜିଲ୍ଲାର ହଜାର ହଜାର ଆଶାକର୍ମୀଙ୍କ ବିକ୍ଷୋଭ । ଭାରତୀୟ ମଜଦୁର ସଙ୍ଘ ନେତୃତ୍ୱରେ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ଗ୍ରାମାଂଚଳରେ କାର୍ଯ୍ୟକରୁଥିବା ଆଶାକର୍ମୀ ବିଭିନ୍ନ ଦାବୀନେଇ ହକିପଡ଼ିଆ ସ୍ଥିତ ଶିବମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ବିଭିନ୍ନ ଦାବୀ ନେଇ ଜିଲ୍ଲା କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଥିବା ଜଣା ପଡ଼ିଛି । ପାରିଶ୍ରାମିକ ଅନୁଯାୟୀ ସରକାରୀ ଭାବରେ ବ୍ୟତନ ୧୮ହଜାର ଟଙ୍କା ମାସିକ ପ୍ରାପ୍ତ କରିବା, ପ୍ରତ୍ୟକ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବା, କାର୍ଯ୍ୟରେ ନିୟୋଜିତ ଥିବା ଅଙ୍ଗନବାଡ଼ିଙ୍କ ମୃତ୍ୟୁ ହେବାପରେ ମୃତ କାଳୀନ ବୀମା ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଏ ଏନଏମ ପଦବୀରେ ନିଯୁକ୍ତି ଦେବା, କାର୍ଯ୍ୟରୁ ଅବସର ନେବାପରେ ପ୍ରତିମାସରେ ପାଂଚ ହଜାର ଟଙ୍କା ସରକାରୀ ସ୍ତରରେ ପ୍ରଦାନ କରିବା, କାର୍ଯ୍ୟରେ ନିୟୋଜିତ ବେଳେ ମୃତ୍ୟୁ ହେଲେ ମୃତ୍ୟୁ କାଳୀନ ଟଙ୍କା ଦଶଲକ୍ଷ ଟଙ୍କା ପ୍ରଦାନ କରିବା ଓ କାର୍ଯ୍ୟକ୍ଷେତ୍ରରେ ୫ଜି ମୋବାଇଲ ପ୍ରଦାନ କରିବା ଅନ୍ତର୍ଭୁକ୍ତ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୁନସ୍ଥ କାର୍ଯ୍ୟରତ ସମସ୍ତ ଆଶା କର୍ମୀଙ୍କୁ କର୍ମଚାରୀର ମାନ୍ୟତା ପ୍ରଦାନ ସହିତ ସର୍ବନିମ୍ନ ବେତନ ପ୍ରଦାନ କରାଯାଉ ସ୍ଥାୟୀ ଘୋଷଣା ନା ହେବା ପର୍ଯ୍ୟନ୍ତ ମାସିକ ୧୮,୦୦୦/- ସର୍ବନିମ୍ନ ବେତନ ପ୍ରଦାନ କରାଯାଉ। ସମସ୍ତ ଆଶା କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରାଯାଇ ଋଝଓ ଓ ଋଚଋଡ ଅନ୍ତର୍ଗତ ଫଜିକୃତ କରାଯାଉ । ପ୍ରତିମାସ ୧୦ ତାରିଖ ମଧ୍ୟରେ ସମସ୍ତ ପ୍ରକାର ମାନଦେୟ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରାଯାଉ ।

ଉତ୍କଳ ସମାଚାର

## ସମ୍ପାଦକୀୟ...

ରବିବାର ୧୨ ଜୁଲାଇ ୨୦୨୬

# ଅଭାବନୀୟ



କେନ୍ଦୁଝର ଜିଲ୍ଲାରେ ନିକଟରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଯାହା ସଭ୍ୟ ସମାଜ ପ୍ରତି ଏକ କଳଙ୍କ ଏବଂ ଅତ୍ୟନ୍ତ ଲଜ୍ଜାକର। ଜିତୁ ମୁଣ୍ଡା ନାମକ ଜଣେ ଆସିବାସୀ ସମ୍ପ୍ରଦାର ବ୍ୟକ୍ତି ନିଜ କୃତ ଭଉଣୀର ଆଇନଗତ ଉନ୍ନରାଧିକାରୀ ଭାବେ ବ୍ୟାଙ୍କରେ ଥିବା ଟଙ୍କା ଉଠାଇବାକୁ ଯାଇଥିଲେ। ବ୍ୟାଙ୍କ କର୍ନ୍ତୃପକ୍ଷ ଜିତୁ ମୁଣ୍ଡାଙ୍କୁ ତାଙ୍କ ଭଉଣୀର ମୃତ୍ୟୁ ସାର୍ଟିଫିକେଟ ଏବଂ ଉନ୍ନରାଧିକାରୀ ପ୍ରମାଣପତ୍ର ବା ଲିଗାଲ ହେୟାର ଆଣିବାକୁ କହିଥିଲେ। ଆଇନଗତ ଦୃଷ୍ଟିରୁ ଏହା ଠିକ। ବିନା ପ୍ରମାଣପତ୍ରରେ ଜଣେ ମୃତକଙ୍କ ଟଙ୍କାକୁ ଆଉ ଜଣଙ୍କୁ କିପରି ଦିଆଯାଇପାରିବ ? ଜିତୁ ମୁଣ୍ଡା ଜଣେ ମୂର୍ଖ ଲୋକ ଏବଂ ସେ ମୃତ୍ୟୁ ପ୍ରମାଣପତ୍ର, ଉନ୍ନରାଧିକାରୀ ପ୍ରମାଣପତ୍ର କିପରି କେଉଁଠୁ ଆଣିବ ତାହା ଜାଣିନି। ତେଣୁ ନିଜ ଭଉଣୀର ମୃତ୍ୟୁ ପ୍ରମାଣପତ୍ର ଭାବେ ସେ ମାଟି ତଳେ ଖୋଳଯାଇଥିବା ତାଙ୍କ ଭଉଣୀର ଶବକୁ କାନ୍ଧରେ ଆଣି ବ୍ୟାଙ୍କ ଶାଖାକୁ ଆଣିଥିଲା। ଏହାଠାରୁ ଅଧିକ ବଡ଼ ଗ୍ରହଣଯୋଗ୍ୟ ପ୍ରମାଣପତ୍ର ତା ନିକଟରେ ଆଉ କିଛି ନଥିଲା। ଏହା ପୂର୍ବରୁ ସେ ବ୍ୟାଙ୍କ ଶାଖାକୁ ଯାଇ ବ୍ୟାଙ୍କ ଅଧିକାରୀଙ୍କୁ ନିଜ ଦାବି ଏବଂ ଅଭିଯୋଗ ସମ୍ପର୍କରେ ନେହୁରା ହୋଇଥିଲେ ମଧ୍ୟ କେହି ତା କଥାକୁ ଗୁରୁତ୍ୱ ଦେଇନଥିଲେ ବା ସହାୟତା କରିନଥିଲେ। ଦାରୀଦ୍ର୍ୟ ହେତୁ ହେଉ ବା ଅନ୍ୟ କାରଣରୁ ଜିତୁ ନିଜ ଭଉଣୀର ଶବକୁ ପୋଡ଼ିନଥିଲା, ପୋତି ଦେଇଥିଲା। ତାହା ପୁଣି ବେଶୀ ଦିନ ହୋଇନଥିଲା। ତେଣୁ ସେ ନିଜ ଭଉଣୀର ଶବ ବା କଙ୍କାଳକୁ ଉଦ୍ଧାର କରି ବ୍ୟାଙ୍କକୁ ନେଇ ଆସିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସିଥିଲା । ବୁଝାସୁଝା ପରେ ଶେଷରେ ଜିତୁ ନିଜ ଭଉଣୀର ଶବକୁ ପୁଣି ୪ କିମି ବାଟ କାନ୍ଧରେ ବୋହି ଫେରିଯାଇଥିଲା। କେହି ବ୍ୟକ୍ତି, ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଅନ୍ତତଃ ପକ୍ଷେ ଜିତୁ ମୁଣ୍ଡାକୁ ନିଜ ଭଉଣୀର ଶବ ଫେରାଇନେବାରେ ସହାୟତା ମଧ୍ୟ କରିନଥିଲେ। କେହି ମାନବିକତାର ସାମାନ୍ୟତମ ପରିଚୟ ମଧ୍ୟ ଦେଇନଥିଲେ। ଧନ୍ୟବାଦ ଦେବାକୁ ପଡ଼ିବ ଗଣମାଧ୍ୟମକୁ। ଏହି ଘଟଣାର ବିସ୍ତୃତ ବିବରଣୀ ଫଟୋ ସହ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଲା। ଟିଭିରେ ମଧ୍ୟ ଏହାର ଦୃଶ୍ୟ ପ୍ରଦର୍ଶିତ ହେଲା ଟିଆରପି ପାଇଁ ଘରୋଇ ଟିଭି ଚାନେଲଗୁଡ଼ିକ ଏହାକୁ ବେଶ ବଢ଼ାଇ ଚଢ଼ାଇ ପ୍ରସାର କଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ, ଗଣମାଧ୍ୟମ ଏ ସମ୍ପର୍କରେ ସୂଚନା ପାଇଲା କେମିତି ? ଯାହା ବି ହେଉ ଗଣମାଧ୍ୟମ ତା କାମ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା। ଦାନ ମାଝୀ ଘଟଣାରେ ଓଡ଼ିଶା ଯେପରି ଚର୍ଚ୍ଚିତ ଏବଂ ବଦନାମ ହୋଇଥିଲା ଏବେ ଜିତୁମୁଣ୍ଡା ଘଟଣାରେ ଓଡ଼ିଶା ପୁଣି ବଦନାମ ହେଲା। ଓଡ଼ିଶା ଏକ ଗରିବ ଏବଂ ପଛୁଆ ରାଜ୍ୟ ବୋଲି ସାରା ବିଶ୍ୱରେ ଧାରଣା। ଏଭଳି କିଛି ଘଟଣା ଓଡ଼ିଶାର ଭାବମୂର୍ତ୍ତୀକୁ ରସାତଳଗାମୀ କରିଛି। ବାସ୍ତବରେ ବର୍ନ୍ନମାନ ସମୟରେ ଭାରତରେ ଏଭଳି ଏକ ଘଟଣା ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଆଫ୍ରିକାରେ ମଧ୍ୟ ଦେଖାଯାଉନି। ଏହି ଘଟଣା ପ୍ରଚାରିତ ହେବା ପରେ ଜିତୁ ମୁଣ୍ଡାଙ୍କ ନିକଟକୁ ସହାୟତାର ସୁଅ ଛୁଟୁଛି। ଉଭୟ ସରକାର ଏବଂ ବେସରକାରୀ ସ୍ତରରେ ଏହିସବୁ ସହାୟତା ମିଳୁଛି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭ୍ୟାସ ମୁତାବକ ବିରୋଧୀ ଦଳ ଗୁଡ଼ିକ ମଧ୍ୟ ଏହାକୁ ନେଇ ତୁମ୍ଭିତୁଫାନ ଆରମ୍ଭ କରି ଦେଇଛନ୍ତି। ଘଟଣାର ତଦନ୍ତ କରୁଥିବା ଆରଡିସି ତାଙ୍କ ରିପୋର୍ଟରେ ବ୍ୟାଙ୍କ କର୍ନ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କିନ୍ତୁ ବ୍ୟାଙ୍କ ଅଫିସର ସଂଘ ଏହାକୁ ବିରୋଧ କରିଛି। ଏହି ଘଟଣାରେ ଆଇନଗତ ଦୃଷ୍ଟିରୁ ବ୍ୟାଙ୍କର କିଛି ଭୁଲ ନାହିଁ। କିନ୍ତୁ ମାନବିକତା ଦୃଷ୍ଟିରୁ ବିଚାର କଲେ ଜଣେ ଗରିବ, ଅସହାୟ ଓ ଅଶିକ୍ଷିତ ଲୋକଟିକୁ ସାହାଯ୍ୟ କରିବା କ'ଣ ବ୍ୟାଙ୍କ କର୍ନ୍ତୃପକ୍ଷଙ୍କର ଦାୟିତ୍ୱ ନଥିଲା। ବଡ଼ ବଡ଼ ସାର୍ଟିଫିକେଟ ହାସଲ କରିଥିବା ବ୍ୟାଙ୍କ କର୍ମଚାରୀମାନେ ନିଜକୁ ବେଶ ଜ୍ଞାନୀ ଗୁଣି ଦେଖାଉନ୍ତି। ନିଜ ପାଇଁ ବର୍ଦ୍ଧିତ ଦରମା, ଭତ୍ତା ଓ ଅନ୍ୟାନ୍ୟ ସହାୟତା ଦାବି କରିପାରୁଛନ୍ତି। କିନ୍ତୁ ମାନବିକତା କ'ଣ ସେମାନେ ପାଠ ବହିରୁ ସମ୍ଭବତଃ ଶିଖି ନାହାଁନ୍ତି। ତେଣୁ ଜଣେ ଗରିବ, ଅସହାୟ ଆଦିବାସୀ ବ୍ୟକ୍ତିଙ୍କ ପ୍ରତି ବ୍ୟାଙ୍କ କର୍ନ୍ତୃପକ୍ଷ ଏଭଳି ଅମାନବୀୟ ଆଚରଣ ପ୍ରଦର୍ଶନ କରିଛନ୍ତି। ଏହା ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଠାନ ଗ୍ରହଣ କରାଯିବା ଉଚିତ। ଏହା ସହିତ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କର ମଧ୍ୟ ଦୋଷ ରହିଛି। ମୃତ୍ୟୁ ପ୍ରମାଣପତ୍ର ଏବଂ ଉନ୍ନରାଧିକାରୀ ପ୍ରମାଣପତ୍ର ଦେବାରେ ସରକାରୀ କର୍ମଚାରୀମାନେ କେତେ ଅସହଯୋଗ କରୁଛନ୍ତି, ସ୍ଥଳ ବିଶେଷରେ ଲାଂଚ ମାଗୁଛନ୍ତି ଏବଂ ସାଧାରଣ ଲୋକଟିକୁ କେତେ ହଇରାଣ କରୁଛନ୍ତି ତାହା ସମସ୍ତଙ୍କୁ ଜଣା। ଜିତୁ ମୁଣ୍ଡା ଘଟଣାରେ ବ୍ୟବସ୍ଥାରେ ତ୍ରୁଟି ସ୍ପଷ୍ଟ ହେଉଛି। ଯିଏ ଯେଉଁଠି ମରୁ ବା ଜନ୍ମ ହେଉ ସେ ସମ୍ପର୍କରେ ସ୍ଥାନୀୟ ୱାର୍ଡମେମ୍ବର ବା କାଉନସିଲରରଙ୍କରଯ କ'ଣ କିଛି ଦାୟିତ୍ୱ ନାହିଁ। ଗଣତନ୍ତ୍ରର ସବୁଠାରୁ ତଳ ସ୍ତରରେ ଥିବା ଜନପ୍ରତିନିଧିଟିଏ ଏହାକୁ ନିଜ ଦାୟିତ୍ୱ ବୋଲି ବିଚାର କରି ଜିତୁ ମୁଣ୍ଡାକୁ ସହାୟତାର ହାତ ବଢ଼ାଇବା ଉଚିତ ଥିଲା। ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇବା ଲାଗି ବ୍ୟବସ୍ଥାକୁ ମଧ୍ୟ କୋହଳ କରାଯିବା ଉଚିତ। ଗରିବ, ଅଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ମୌଖିକ ସୂଚନାରେ ଏହି ପ୍ରମାଣପତ୍ର ମିଳିଯିବା ଉଚିତ। ସହରାଂଚଳରେ କାଉନସିଲର ବା କର୍ପୋରେଟର ଏବଂ ଗ୍ରାମାଂଚଳରେ ୱାର୍ଡ ମେମ୍ବରଟିଏ ତତ୍କାଳ ଏଥିଲାଗି ସୁପାରିଶ କରିବା ଉଚିତ। ତାଙ୍କ ସୁପାରିଶ ଆଧାରରେ ୪୮ ଘଣ୍ଟା ଭିତରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ହେବା ଉଚିତ।

# ସ୍ୱଚ୍ଛ ସହର ଓ ବର୍ଜ୍ୟବସ୍ତୁ ପରିଚାଳନା

ଭାରତ ଏକ ଗ୍ରାମବହୁଳ ଦେଶ ହେଲେ ମଧ ସହରୀକରଣ ବା ସହର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଅଛି । ସହରରେ ତୁଳନାତ୍ମକ ଭାବରେ ଗ୍ରାମ ଅପେକ୍ଷା ଅନେକ ସୁବିଧା ଉପଲବ୍ଧ ହେଉଥିବାରୁ ଲୋକମାନେ ସହରାଭିମୁଖୀ ହେଉଅଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅଧିକ ରୋଜଗାର ଓ ସୁଖ-ସ୍ୱାଚ୍ଛନ୍ଦ୍ୟ ଜୀବନଯାପନ ପାଇଁ ସହରକୁ ଅଧିକ ପସନ୍ଦ କରୁଅଛନ୍ତି । ତେଣୁ ସହରଗୁଡ଼ିକ ଲୋକାରଣ୍ୟରେ ପରିଣତ ହେଉଥିବାବେଳେ ଗ୍ରାମ୍ୟ ଜୀବନ ଓ ଗ୍ରାମରେ ରହିବା ଇଚ୍ଛା କ୍ରମେ କମି ଆସୁଅଛି । ଓଡ଼ିଶା ରାଜ୍ୟର ୨୦୨୬ ମସିହା ମଧଭାଗ, ଅର୍ଥାତ୍ ଜୁନ୍ ମାସ ସୁଦ୍ଧା ମୋଟ୍ ଜନସଂଖ୍ୟା ୪.୭୨କୋଟି, ଯାହା ଦେଶର ୧୧ତମ ଜନବହୁଳ ରାଜ୍ୟ ଏବଂ ଜାତୀୟ ଜନସଂଖ୍ୟାର ୩.୩୦% ଅଟେ । ରାଜ୍ୟରେ ଥିବା ସହରମାନଙ୍କର ମୋଟ୍ ଜନସଂଖ୍ୟା ୭ରୁ ୮ ମିଲିୟନ୍ ହେବ ଏବଂ ରାଜ୍ୟ ଜନସଂଖ୍ୟାର ୧୭% ଅଟେ । ସହରରେ ଜନସଂଖ୍ୟା ବୃଦ୍ଧି ଘଟିଲେ ସହରୀ ଚଳଣିରେ ବର୍ଜ୍ୟବସ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଯଥା– ଖାଦ୍ୟ, ବସ୍ତ୍ର ଓ ଦୈନନ୍ଦିନ ବ୍ୟବହାର ପଦାର୍ଥରେ ଉତ୍ପନ୍ନ ହୋଇଥାଏ ଏବଂ ଏହା ଏକ ପ୍ରମୁଖ ସମସ୍ୟା ଭାବରେ ଦେଖାଦେଇଥାଏ । ସହର ସ୍ୱଚ୍ଛତା ମୁଣ୍ଡବିନ୍ଧାର କାରଣ ସାଜିଥାଏ । ବର୍ଜ୍ୟବସ୍ତୁ ବା ଅଳିଆକୁ ସର୍ବସାଧାରଣ ଜାଗାରେ ପକାଇବା, ରାସ୍ତାକଡ଼ରେ ଏଣେତେଣେ ଫୋପାଡ଼ିବା କିମ୍ବା ପାଣି ଦେଖି ପକାଇବା ଦ୍ୱାରା ଜମା ହୋଇ ଅନେକ ସ୍ୱାସ୍ଥ୍ୟଗତ ଓ ପରିବେଶଜନିତ ସମସ୍ୟା ସୃଷ୍ଟି ହୋଇଥାଏ । ତେଣୁ ବର୍ଜ୍ୟବସ୍ତୁର ପରିଚାଳନା ଏକାନ୍ତ ଆବଶ୍ୟକ ଅଟେ ସହରକୁ ସ୍ୱଚ୍ଛ ରଖିବା ପାଇଁ । ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ପରିଚାଳନା ନକଲେ ସ୍ୱାସ୍ଥ୍ୟଗତ ସମସ୍ୟାମାନ ମୁଣ୍ଡ ଟେକିଥାଏ । ଯଦି ଅଳିଆ ସଫା ନହୋଇ ଜମାହୋଇ ରହିବ, ତେବେ ଡ୍ରେନ୍ ପଦ୍ଧତି ବାଧାପ୍ରାପ୍ତ ହେବ, ସ୍ଥିରଜଳ ଦୂଷିତ ହୋଇ ମଶାବଂଶ ସୃଷ୍ଟି ହେବେ, ଫଳରେ ମେଲେରିଆ, କଲେରା ଓ ଡେଙ୍ଗୁ ଆଦି ରୋଗ ବ୍ୟାପିଯିବ । ଅଦରକାରୀ ବ୍ୟାଟେରୀ କିମ୍ବା ପ୍ଲାଷ୍ଟିକ ପୋଡ଼ିବା ଦ୍ୱାରା ଏଥିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ବା ଗ୍ୟାସ୍ କ୍ୟାନସର ରୋଗ ବୃଦ୍ଧି କରିବ । ମୃତିକା ଏବଂ ଜଳ ବର୍ଜ୍ୟବସ୍ତୁ ଦ୍ୱାରା ଆକ୍ରାନ୍ତ ହୋଇ ଚାଷଜମି ବିଷାକ୍ତ ହୋଇଥାଏ, ଭୂମିତଳେ ଜଳସ୍ରୋତ ବ୍ୟବହାର ଯୋଗ୍ୟ ହୋଇନଥାଏ, ଯାହା ପିଇବା ପାଣି ବା ଜଳସେଚନ ପାଇଁ ଯୋଗ୍ୟ ହୋଇନଥାଏ । ଜଳବାୟୁ ଉପରେ ନାକାରାତ୍ମକ ପ୍ରଭାବ ପଡ଼ିଥାଏ । ମିଥେନ୍ ଗ୍ୟାସ୍ ସୃଷ୍ଟି ହୋଇ ପରିବେଶ ବିଷାକ୍ତ ହୋଇଯାଏ ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇଥାଏ । ବର୍ଜ୍ୟବସ୍ତୁର ଉତମ ପରିଚାଳନା ଓ ନିୟନ୍ତ୍ରଣ ଦ୍ୱାରା ହିଁ ସହରୀ ସ୍ୱଚ୍ଛତା ବଜାୟ ରହିଥାଏ । ଏହାଦ୍ୱାରା ରୋଗ ସଂକ୍ରମଣ ରୋକିବା, ଦୁର୍ଗନ୍ଧକୁ ନିୟନ୍ତ୍ରଣକୁ ଆଣିବା, ରାସ୍ତାଘାଟ ମୁକ୍ତ ରଖିବା, ଜଳବନ୍ଦୀ ରୋକିବା, ବାୟୁର ମାନ ବୃଦ୍ଧି କରିବା ଓ ସ୍ଥାନୀୟ ପ୍ରଦୂଷଣ ରୋକିବା ସମ୍ଭବ ହୋଇଥାଏ । ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ, ସହରାଂଚଳରେ ଆଧୁନିକ ଓ ଉଚ୍ଚମାନର ସ୍ୱଚ୍ଛତା ବଜାୟ ରଖିବା ପାଇଁ କେତେକ ପଦ୍ଧତି ଜରୁରି ହୋଇଥାଏ। ପ୍ରଥମତଃ, ସ୍ୱାସ୍ଥ୍ୟ ନିରାପତା ପାଇଁ ବର୍ଜ୍ୟବସ୍ତୁ ସଂଗ୍ରହ ସମୟରେ ବିଭକ୍ତୀକରଣ କରିବା । ଅର୍ଥାତ୍ ଅଲଗା ଭାବରେ ଓଦା ଓ ଶୁଷ୍କ ଅଳିଆକୁ ସଂଗ୍ରହ କରିବା ଦ୍ୱାରା ସଂକ୍ରମଣଜନିତ ରୋଗ, ଦୂଷିତ ଜଳ ଓ ମାଟିକୁ ରକ୍ଷା ମିଳେ । ବର୍ଜ୍ୟବସ୍ତୁ ଯାହା ବ୍ୟାକ୍ଟେରିଆ ଦ୍ୱାରା ସଡ଼ି ଅବକର୍ଷିତ ହୋଇପାରୁଥିବ, ମୂଳବସ୍ତୁରେ ପରିବର୍ତନ କରି ଆଉ ଥରେ ବ୍ୟବହାରଯୋଗ୍ୟ ହୋଇପାରିବ ଏବଂ ଯଦି ବିପଦପୂର୍ଣ୍ଣ ହୋଇଥିବ ସେସବୁ ଅଲଗା ଭାବରେ ସଂଗ୍ରହ ହେବା ଆବଶ୍ୟକ । ଯେଉଁ ଅଂଚଳରେ ବାସ କରୁଥିବେ ସେହି ବସ୍ତି, ସମ୍ପ୍ରଦାୟ ବା ସମାଜର ଲୋକମାନେ ବର୍ଜ୍ୟବସ୍ତୁକୁ ଖତସାରରେ ପରିଣତ କରି ନିଜ ବଗିଚା ବା ଫୁଲକୁଣ୍ଡମାନଙ୍କରେ ବ୍ୟବହାର କରିପାରିବେ । ସୁପରିଚାଳନା ଦ୍ୱାରା ବର୍ଜ୍ୟବସ୍ତୁ ବିଭିନ୍ନ ନିର୍ମାଣ ଭିତିଭୂମି, ଡ୍ରେନ୍ ଓ ଜଳ ନିଷ୍କାସନ ପଦ୍ଧତି ଶୃଙ୍ଖଳିତ ରହେ । କଠିନ ବର୍ଜ୍ୟବସ୍ତୁର ସୁପରିଚାଳନା ରାସ୍ତା, ପାର୍କ ଓ ଲୋକଙ୍କ ଚଲାପଥ ସର୍ବଦା ମୁକ୍ତ ରହିଥାଏ । ଆଧୁନିକ ଉପାୟରେ ଭୂମିର ଗର୍ନ୍ତକୁ ପୂରଣ କରିବା, କଠିନ ଅଳିଆକୁ ପ୍ରକ୍ରିୟାକରଣ କରିବା, ବଳକା ଖାଦ୍ୟ, ଖଦଡ଼ା ପରିବା ଚୋପାକୁ ପୋତିଦେବା, ବିଭିନ୍ନ ଶୁଖିଲା ତଥା କଠିନ ବସ୍ତୁ ଯଥା- ପ୍ଲାଷ୍ଟିକ, କାଗଜ, କାଚ ଓ ଧାତୁକୁ ସ୍ୱତନ୍ତ୍ର ଧ୍ୟାନଦେଇ ପରିଚାଳନା କରିବା ଉଚିତ । ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବର୍ଜ୍ୟବସ୍ତୁ ଯଥା- ଡାଇପର, ବ୍ୟବହୃତ ଔଷଧ ଖୋଳ ଓ ବ୍ୟାଟେରୀ ଇତ୍ୟାଦିକୁ ଠିକ୍ଭାବେ ନିରାକରଣ ପ୍ରକ୍ରିୟା ଦ୍ୱାରା ପରିଚାଳନା ଦ୍ୱାରା ସ୍ୱାସ୍ଥ୍ୟ ଓ ବାୟୁ ପରିବେଶ ସ୍ୱଚ୍ଛ ରଖାଯାଇପାରିବ । ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରି ସି.ଏନ୍.ଜି ବା ବାଇଓଗ୍ୟାସ୍ ଏବଂ ଶକ୍ତି ମଧ ଉତ୍ପନ୍ନ ହୋଇପାରୁଛି । ବର୍ଜ୍ୟବସ୍ତୁ ଦୈନନ୍ଦିନ ଚଳଣିରେ ଲୋକମାନଙ୍କୁ ଅନେକ ସମସ୍ୟା ପହଚାଂଇଥାଏ । ଗ୍ରାମାଂଚଳ ଅପେକ୍ଷା ବର୍ଦ୍ଧିତ ଜନସଂଖ୍ୟା ସହିତ ସୀମିତ ସ୍ଥାନ ଯୋଗୁଁ ସହରାଂଚଳରେ ଏହାର ଭୟାବହତା ଅଧିକ ହୋଇଥାଏ । ତେଣୁ ଏହାକୁ କମ୍ କରିବା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପମାନ ନେବା ଜରୁରି ଅଟେ । ପ୍ରଥମେ ନିଜ ବା ପରିବାରର ଖାଦ୍ୟ ଯୋଜନା ଏପରି କରାଯିବା ଆବଶ୍ୟକ, ଯେମିତି ଖାଦ୍ୟ ନଷ୍ଟ ନହେବ । ତେଜରାତି ଜିନିଷକୁ ମଧ ସୀମିତ କରାଯିବା ଦରକାର । ସର୍ବଦା ଏକକ ବ୍ୟବହାର କରି ହେଉଥିବା ପଦାର୍ଥକୁ ବର୍ଜନ କରି ପୁନଃ ବ୍ୟବହାରଯୋଗ୍ୟ ପଦାର୍ଥକୁ ଗ୍ରହଣ କରିବା ଉଚିତ୍ ହେବ । ଦୈନିକ ଚଳଣି ପଦାର୍ଥକୁ ଏକାଥରରେ ବେଶି ପରିମାଣରେ କ୍ରୟ କଲେ ଅଧିକ ପୁଡ଼ିଆଜନିତ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେବନାହିଁ । ଦ୍ୱିତୀୟରେ, ବର୍ଜ୍ୟବସ୍ତୁକୁ ଜୈବସାରରେ ପରିଣତ କରିବା ପାଇଁ ପଦକ୍ଷେପ ନେବା ଜରୁରି । ଏଥିପାଇଁ ପୌର ପ୍ରଶାସନର ସାହାଯ୍ୟ ଗ୍ରହଣ କରାଯାଇଥାଏ । ତୃତୀୟରେ, କାଗଜବିହୀନ କାର୍ଯ୍ୟ ଯଥା- ଅନ୍ଲାଇନ୍ କ୍ରୟ, ବୈଦ୍ୟୁତିକ ବା କମ୍ପ୍ୟୁଟର ମାଧ୍ୟମରେ ବିଲ୍ ତିଆରି କରିବା, ବହି, ଖାତା ଏବଂ ପତ୍ରିକା ଭୌତିକ ଭାବରେ କ୍ରୟ ନକରିବା ଦ୍ୱାରା ବର୍ଜ୍ୟବସ୍ତୁର ଉତ୍ପନ୍ନ କମ୍ କରିହେବ । ବ୍ୟବହାର କରୁଥିବା ପୋଷାକ ଏବଂ ଅନ୍ୟାନ୍ୟ ବସ୍ତ୍ର ଉତମ ମାନର ହେବା ଦରକାର, ଯାହା ଦୀର୍ଘଦିନ ବ୍ୟବହାର କରିହେବ ଏବଂ ପୁରୁଣାଗୁଡିକ ଗରିବ ଲୋକଙ୍କୁ ଦାନ କରିବା ଦ୍ୱାରା ଅଳିଆ କମ୍ ହୋଇପାରିବ । ଚତୁର୍ଥରେ, ଅନେକ କଠିନ ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ କରିହୁଏ । ମାତ୍ର ଏହାପୂର୍ବରୁ ସେଗୁଡ଼ିକ ପୁନଃ ବ୍ୟବହାରଯୋଗ୍ୟ ହୋଇଥିଲେ, ବିଶେଷ ଭାବରେ ମରାମତି ବା ଅନ୍ୟ ସଫା କରିବା କାର୍ଯ୍ୟରେ ବ୍ୟବହାର କରିବା ଆବଶ୍ୟକ । ପଂଚମରେ ଅନାବଶ୍ୟକ ପଦାର୍ଥ ମାଗଣା ବା ବିକ୍ରି ପାଇଁ ପ୍ରଚାରଜନିତ ମୁକ୍ତବଂଟନକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ଅଳିଆ ଭାବରେ ଗଚ୍ଛିତ ହେବନାହିଁ । ଷଷ୍ଠରେ, ସବୁବେଳେ ପରିବେଶ ଅନୁକୂଳ ପଦାର୍ଥ ଯଥା ବ୍ୟବହାର ପରେ ପକାଇଦବାକୁ ପ୍ରତ୍ୟାଖ୍ୟାନ କରି,ସଫା କରି ପୁନଃବ୍ୟବହାର କରିହେଉଥିବା ବର୍ଜ୍ୟବସ୍ତୁକୁ କମ୍ କରିବାରେ ସାହାଯ୍ୟ କରିଥାଏ । ସପ୍ତମରେ ସମସ୍ତ ପଦକ୍ଷେପ ପରେ ଯେଉଁ ଆବର୍ଜନା ବଳକା ରହିଯିବ, ତାକୁ ପୌର ପ୍ରଶାସନର ନିର୍ଦ୍ଦେଶାବଳୀ ଏବଂ ସହଯୋଗରେ ବ୍ୟବହାର କିମ୍ବା ନଷ୍ଟ କରାଯିବା ଆବଶ୍ୟକ, ନଚେତ୍ ପରିବେଶ ଦୂଷିତ ବା ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିବ । ଭାରତରେ ବାସ୍ତବ ଚିତ୍ର ଦେଖିଲେ ପ୍ରତ୍ୟେକ ବର୍ଷ ୬୨ ମିଲିୟନ୍ ଟନ୍ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ । ତା' ମଧ୍ୟରୁ ୪୩ ମିଲିୟନ୍ ଟନ୍ ଯାହା ହାରାହାରି ୭୦% ସଂଗ୍ରହ ହୋଇଥାଏ ଏବଂ ୧୨ ମିଲିୟନ ଟନ୍କୁ ପ୍ରକ୍ରିୟାକରଣ ଦ୍ୱାରା ବ୍ୟବହାର ହୋଇଥାଏ । ଅବଶିଷ୍ଟ ୩୧ ମିଲିୟନ୍ ଟନ୍ ଆବର୍ଜନା ଜମାହୋଇ ରହେ ଅବା ଖାଲୁଆ ଜାଗାରେ ପୂରଣ କରାଯାଇଥାଏ । ଆଶା କରାଯାଏ ଯେ, ୨୦୩୦ ମସିହା ବେଳକୁ ସହର ବା ପୌରାଂଚଳର କଠିନ ବର୍ଜ୍ୟବସ୍ତୁର ଉତ୍ପନ୍ନ ପ୍ରାୟ ୧୬୫ ମିଲିୟନ୍ ଟନ୍ରେ ପହଚିଂଯିବ । ତେଣୁ ଏବେଠୁଁ ସତର୍କ ନହେଲେ ପରିଣାମ ଭୋଗିବାକୁ ପଡିବ । ବର୍ଜ୍ୟବସ୍ତୁ ପରିଚାଳନାରେ ମଧ୍ୟପ୍ରଦେଶ ରାଜ୍ୟର ଇନ୍ଦୋର ସହର ସର୍ବୋତମ ଅଟେ । ଏହା ଦେଶର ସବୁଠାରୁ ପରିଷ୍କାର ସହର ଅଟେ । ଏହା ପଛକୁ ଗୁଜରାଟର ସୁରଟ, ଛତିଶଗଡ଼ର ଅମ୍ବିକାପୁର, ମହାରାଷ୍ଟ୍ରର ନାଭିମୁମ୍ବାଇ ଏବଂ କର୍ଣ୍ଣାଟକ ରାଜ୍ୟର ମହୀଶୁର ସହର ସ୍ୱଚ୍ଛ ଅଟେ । ପ୍ରକାଶଥାଉ କି, ଉତରପ୍ରଦେଶ ରାଜ୍ୟର ଗୋରଖପୁର ସହର ସର୍ବପ୍ରଥମେ ବର୍ଜ୍ୟବସ୍ତୁ ପରିଚାଳନା ଦେଶରେ ଆରମ୍ଭ କରିଥିଲା । ସମ୍ପୂର୍ଣ୍ଣ ଭାବରେ ଆବର୍ଜନାମୁକ୍ତ ସହର ବିଶ୍ୱରେ ଘାନା ଦେଶର ଆକ୍ରା, ଇଟାଲୀର ବୋଲଗ୍ନା, ଶ୍ରୀଲଙ୍କାର ଦେହିୱାଲା ଥିବାବେଳେ ଭାରତରେ ଗୋଟିଏ ବି ନାହିଁ । ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଦ୍ୱାରା ପରିବେଶ ସ୍ୱଚ୍ଛ ରହେ, ସାଧାରଣ ସ୍ୱାସ୍ଥ୍ୟ ଓ ଜନଜୀବନ ସୁରକ୍ଷିତ ସହିତ ଦେଶର ଅର୍ଥନୈତିକ ପ୍ରଗତିରେ ସାହାଯ୍ୟ କରିଥାଏ । ଏହା କେନ୍ଦ୍ର ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ନ୍ନନ ବିଭାଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସବୁ ହିତାଧିକାରୀ ସେ ସରକାର ହୁଅନ୍ତୁ ଅବା ବ୍ୟବସାୟ ପ୍ରତିଷ୍ଠାନ କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନର ଅଧିବାସୀ, ସମସ୍ତଙ୍କର କର୍ନ୍ନବ୍ୟ ହେଲା ନିଜ ସହରକୁ ପରିଷ୍କାର ରଖିବା । ନୂତନ ଜ୍ଞାନ-କୌଶଳ ମାଧ୍ୟମରେ ଯଦି ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ କରି ମୂଲ୍ୟବାନ ପଦାର୍ଥର ବ୍ୟବହାର ହୋଇପାରିବ, ତାହାଦ୍ୱାରା ସମସ୍ତେ ଉପକୃତ ହେବେ । କେନ୍ଦ୍ର ସରକାରଙ୍କର ପ୍ରଚଳିତ କାର୍ଯ୍ୟକ୍ରମ 'ସ୍ୱଚ୍ଛ ଭାରତ ମିଶନ'ର ନୀତିକୁ ଆପଣାଇଲେ ବର୍ଜ୍ୟବସ୍ତୁର ଉନ୍ନମ ପରିଚାଳନା ହୋଇପାରିବ । କେନ୍ଦ୍ର ପରିବେଶ ନିୟନ୍ତ୍ରଣ ବୋର୍ଡ (ସି.ପି.ସି.ବି)ର ସାହାଯ୍ୟ ମଧ ଲୋଡ଼ା ଯାଇପାରିବ । ସବୁଠାରୁ ବଡ଼ କଥା ହେଲା ଜନସାଧାରଣଙ୍କୁ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ଓ ସରକାରଙ୍କ ଦ୍ୱାରା ସଚେତନତା ବାର୍ତ୍ତାର ପ୍ରଚାର ସହିତ ଶିକ୍ଷା ପ୍ରଦାନ କରାଗଲେ ଏହା ନିଶ୍ଚିତ ଭାବରେ ଫଳପ୍ରଦ ହେବ ।

# ମହାପ୍ରସାଦକୁ ଅସମ୍ମାନ କରି ବ୍ୟାଧିଗ୍ରସ୍ତ ହୋଇଥିଲେ ଅହିଛତ୍ର ରାଜା

ମହାପ୍ରସାଦକୁ ଅସମ୍ମାନ କରି ବ୍ୟାଧିଗ୍ରସ୍ତ ହୋଇଥିଲେ ଅହିଛତ୍ର ରାଜା ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମହାଲକ୍ଷ୍ମୀଙ୍କ ରୋଷଶାଳାରେ ପ୍ରସ୍ତୁତ ହୋଇ ସେବନ କରୁଛନ୍ତି ମହାପ୍ରଭୁ। ପରଂବ୍ରହ୍ମଙ୍କ ପ୍ରସାଦ ହୁଏ ମହାପ୍ରସାଦ। ଏହା ପାଲଟି ଯାଏ ଅନ୍ନବ୍ରହ୍ମ। ଏହି ଅନ୍ନବ୍ରହ୍ମଙ୍କୁ ମହାପ୍ରଭୁଙ୍କ ସମମର୍ଯ୍ୟାଦା ଦିଆଯାଏ। ତେଣୁ ମହାପ୍ରସାଦ ସେବନ ପାଇଁ ରହିଛି ସ୍ୱତନ୍ତ୍ର ଶାସ୍ତ୍ରୀୟ ବିଧିବିଧାନ। ସମଗ୍ର ଦେଶରେ ଏହି ଅନ୍ନବ୍ରହ୍ମ ବା ମହାପ୍ରସାଦ ସମ୍ପର୍କରେ ୨୭ଟି ଗ୍ରନ୍ଥରେ ଉଲ୍ଲେଖ ରହିଛି ଯାହା ସମଗ୍ର ବିଶ୍ୱରେ ବିରଳ। କୌଣସି ଦେବଦେବୀଙ୍କ ପ୍ରାସାଦକୁ ନେଇଏତେ ବିରାଟ ପରମ୍ପରା, ଶାସ୍ତ୍ରୀୟ ମତ, ବିଧିବିଧାନ ଦେଖାଯାଏନାହିଁ। ଯାହା ମହାପ୍ରଭୁଙ୍କ ମହାପ୍ରସାଦ କ୍ଷେତ୍ରରେ ଦେଖାଯାଉଛି। ଏହି ମହାପ୍ରସାଦକୁ ମହାପ୍ରଭୁଙ୍କ ସମ ମର୍ଯ୍ୟାଦା ଦେଇଛନ୍ତି ଆଦିଶଙ୍କର। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟ ଅନୁଯାୟୀ, ମହାପ୍ରଭୁଙ୍କ ମହାପ୍ରସାଦ ହେଉଛି ଦୁର୍ଲ୍ଲଭ। ମହାପ୍ରସାଦର ମହାତ୍ମ୍ୟ ସଂସ୍କୃତ, ହିନ୍ଦୀ ଏବଂ ଓଡ଼ିଆ ଭାଷାରେ ରଚିତ ହୋଇଛି। ସମଗ୍ର ଦେଶରେ ୨୭ ଖଣ୍ଡ ଗ୍ରନ୍ଥ ମହାପ୍ରସାଦକୁ ମହାନତା ଏବଂ ଏହାର ସେବନ ବିଧିବିଧାନ ସ୍ପଷ୍ଟ ଭାବେ ରହିଛି। ଏହି ବିଧିବିଧାନ ସାମାନ୍ୟତମ ବିଚ୍ୟୁତି ଗ୍ରହଣୀୟ ନୁହେଁ। ଏହା ପରମ୍ପରା ବିରୋଧୀ ହେବ ଓ ସେବନକାରୀ ପାଇଁ ହେବ ମହାପାପ। ଶାସ୍ତ୍ର ମତରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଭଳି ପ୍ରସାଦ ସମଗ୍ର ବିଶ୍ୱରେ କେଉଁଠି ନାହିଁ। ଏହା ଏତେ ପବିତ୍ର ଯେ ଏହାକୁ ସେବନ କରିବା ପାଇଁ ଦେବୀ ପାର୍ବତୀ ବା ଗୌରୀ ଶ୍ରୀବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ଦିନେ ଗୋଲକ ବୈକୁଣ୍ଠରେ ମହାଲକ୍ଷ୍ମୀଙ୍କ ପ୍ରସ୍ତୁତ ମହାପ୍ରସାଦକୁ ଶ୍ରୀବିଷ୍ଣୁ ସେବନ କରୁଥିଲେ। ସେହି ପ୍ରସାଦର ଅଳ୍ପ କିଛି ମହର୍ଷି ନାରଦଙ୍କୁ ମିଳିଥିଲା। ସେ ସେହି ପ୍ରସାଦକୁ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ସେଠାରୁ ଶୈବପୁରୀକୁ ଯାତ୍ରା କରିଥିଲେ। ସେଠାରେ ଶ୍ରୀବିଷ୍ଣୁଙ୍କ ପ୍ରସାଦ ସମ୍ପର୍କରେ କହିଥିଲେ। ସ୍ୱୟଂ ମହାଦେବ ସେହି ପ୍ରସାଦପାଇଁ ଆକୃଷ୍ଟ ହୋଇଥିଲେ। ନାରଦଙ୍କ ଅଧର ନିକଟରେ ଲାଗିଥିବା ଏକ କଣିକା ମାତ୍ର ସେବନ କରି ସେ ବିଭୋର ହୋଇ ପଡ଼ିଥିଲେ। ଦେବୀ ପାର୍ବତୀ ଏହା ଦେଖି ଶ୍ରୀବିଷ୍ଣୁଙ୍କ ପ୍ରସାଦ ନାରଦଙ୍କୁ ମାଗିଥିଲେ। ସେ ଦେଇ ପାରିନଥିଲେ। ଶ୍ରୀବିଷ୍ଣୁଙ୍କ ପ୍ରସାଦ ପାଇଁ ମା'ପାର୍ବତୀ ପ୍ରାର୍ଥନା କରିଥିଲେ। ମା'ପାର୍ବତୀଙ୍କ ପ୍ରାର୍ଥନା ଶୁଣି ଶ୍ରୀବିଷ୍ଣୁ ତାଙ୍କୁ କହିଥିଲେ, ସେ ମହାଭୈରବ ରୂପରେ ନୀଳାଚଳରେ ପ୍ରସାଦ ସେବନ କରିବେ। ସେହି ପ୍ରସାଦ ତାଙ୍କୁ ପ୍ରଥମେ ଲାଗି କରାଯିବ। ତାପରେ ସେ ହେବ ମହାପ୍ରସାଦ। ମା'ଗୌରୀ ନୀଳଗିରି ପର୍ବତରେ ନିର୍ମିତ ଶ୍ରୀମନ୍ଦିରରେ ଭୈରବୀ ରୂପୀ ମା' ବିମଳାଙ୍କ ରୂପରେ ବିରାଜିତା। ପ୍ରତିଦିନ ମହାପ୍ରଭୁଙ୍କ ପାଖରେ ପ୍ରସାଦ ଲାଗି ହେବାପରେ ମା'ବିମଳାଙ୍କ ପାଖକୁ ଯାଏ। ଏପରିକି ମହାପ୍ରଭୁଙ୍କ ପ୍ରସାଦ ଯେ କୌଣସି ଦେବୀ ମନ୍ଦିରରେ ନେଇ ଲାଗି କରାଯିବାର ପରମ୍ପରା ପୁରୀରେ ରହିଛି। ମହାପ୍ରସାଦ ଶୁଖିଗଲେ ହୁଏ ପବିତ୍ର ନିର୍ମାଲ୍ୟ, ଯାହାକୁ ଭକ୍ତମାନେ ପୂଜା କରନ୍ତି। ତେଣୁ ମହାପ୍ରଭୁଙ୍କ ମହାପ୍ରସାଦ ଦେବତୁଲ୍ୟ। ଏହାର ସେବନ ପାଇଁ ବିଧିବିଧାନ ରହିଛି। ଆଦିଶଙ୍କର ମହାପ୍ରସାଦ ସେବନ ପୂର୍ବରୁ ମନ୍ତ୍ର ଉଚ୍ଚାରଣ କରୁଥିଲେ। 'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ, ବଳଭଦ୍ର-ସୁଭଦ୍ରାଭ୍ୟାଂ - ଜଗନ୍ନାଥାୟତେ ନମଃ' ଅର୍ଥାତ ନୀଳାଚଳରେ ନିତ୍ୟ ନିବାସ କରିଥିବା ବଳଭଦ୍ର, ସୁଭଦ୍ରାଙ୍କ ସହ ଜଗନ୍ନାଥଙ୍କ ସେହି ପରମାତ୍ମାଙ୍କୁ ମୁଁ ନମସ୍କାର କରୁଛି। ଏଠାରେ ପରମାତ୍ମାଙ୍କ ସହିତ ମହାପ୍ରସାଦକୁ ଆଦି ଶଙ୍କର ପରମାତ୍ମା, ବ୍ରହ୍ମ ବା ପରଂବ୍ରହ୍ମ ଭାବେ ଗ୍ରହଣ କରିଛନ୍ତି। ପରମ୍ପରା ଅନୁଯାୟୀ ମହାପ୍ରସାଦକୁ କେବଳ ପତ୍ରରେ ରଖି ସେବନ କରାଯିବ। ସେବନକାରୀ ନିଜେ ତଳେ ବସିବେ ଓ ପତ୍ରରେ ମହାପ୍ରସାଦଙ୍କୁ ବିଜେ କରାଇବେ। ପ୍ରଣାମ କରି ସେବନ କରିବେ। ପତ୍ର ପଡ଼ିବାର ବିଧି ମଧ ରହିଛି। ଏହାର ବ୍ୟତିକ୍ରମ ମହାବ୍ୟାଧି ବା ମହାପାପର ଭାଗୀ କରାଏ। ମହାପ୍ରସାଦ ଅବମାନନା ମହାବିପତି ଟାଣିଆଣେ ବୋଲି ଅନେକ ନଜିର ରହିଛି। ୧୫ଶ ଶତାବ୍ଦୀର କଥା। ଭାରତର ଉତରରେ ଥିଲା ରିମା ରାଜ୍ୟ ଯାହା ବର୍ନ୍ନମାନ ଉନ୍ନରପ୍ରଦେଶ ବରେଲୀ ଜିଲ୍ଲା। ଏହି ରାଜ୍ୟକୁ ଶାସନ କରୁଥିଲେ ଅହିଛତ୍ର ବଂଶ ରାଜା। ଅହିଛତ୍ର ଅର୍ଥାତ୍ ଶତ୍ରୁମାନଙ୍କ ଛତ୍ରକୁ ସେ ନଷ୍ଟଭ୍ରଷ୍ଟ କରିଦେଇଥିଲେ। ମତାନ୍ତରରେ ଏହି ବଂଶର ରାଜାମାନେ ସର୍ବଦା ଛତ୍ର ଧରି ରହୁଥିଲେ। ଅହିଛତ୍ର ରାଜା ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ଶ୍ରୀକ୍ଷେତ୍ରରେ ପହଚିଂ ମହାପ୍ରଭୁଙ୍କୁ ଦର୍ଶନ କଲେ। ଦର୍ଶନକରି ସାରିବା ପରେ ଦେଖିଲେ ଜଣେ ସାଧୁ ଓ ଗୋଟିଏ କୁକୁର ଏକତ୍ର ମହାପ୍ରସାଦ ସେବନ କରୁଛନ୍ତି। ସେ ଏହାକୁ ଘୃଣା କଲେ। ଜୀବନରେ କେବେ ମହାପ୍ରସାଦ ଛୁଇଁବେ ନାହିଁ ବୋଲି ପଣ କରି ଫେରିଗଲେ। ଶ୍ରୀକ୍ଷେତ୍ରରୁ ଫେରିବା ପରେ ମହାପ୍ରସାଦ ପ୍ରତି ସେ କରିଥିବା ଅମର୍ଯ୍ୟାଦାର ଫଳ ତାଙ୍କୁ ଭୋଗିବାକୁ ପଡ଼ିଲା। ତାଙ୍କୁ ହେଲା ଦୁରାରୋଗ୍ୟ କୁଷ୍ଠ। ଯନ୍ତ୍ରଣାରେ ଛଟପଟ ହେଲେ ସେ। ସବୁ ଉପଚାର ବିଫଳ ହେଲା। ସାଧୁସନ୍ଥଙ୍କ ଠାରୁ ଜାଣିଲେ ମହାପ୍ରସାଦକୁ ଅବମାନନା ମହାପାପ। ସେ ତତ୍କ୍ଷଣାତ ଶ୍ରୀକ୍ଷେତ୍ର ଆସିଲେ। ଏଠାରେ ପହଚିଂ ମହାପ୍ରଭୁଙ୍କୁ ମହଣ ମହଣ ସୁନା ଅଳଙ୍କାର ଭେଟି ଦେଲେ। ଏମାର ମଠ ମହନ୍ତଙ୍କ ମାର୍ଫତରେ ମୁକ୍ତିମଣ୍ଡପର ବ୍ରାହ୍ମଣମାନଙ୍କୁ ସ୍ୱର୍ଣ୍ଣାଦି ଅଳଙ୍କାର ଦାନ ଦେଇ ଅଧିଆ ପଡ଼ିଲେ। ତାଙ୍କର ପ୍ରାୟଶ୍ଚିତ ପାଇଁ ଆକୁଳ ନିବେଦନ ମହାପ୍ରଭୁ ଶୁଣିଲେ। ତାଙ୍କ ବ୍ୟାଧି ଦୂର ହେଲା। ସେହି ଦିନ ସେ ଶପଥ କଲେ ମହାପ୍ରସାଦ ସେବନ କରିବେ ଓ ଭକ୍ତଙ୍କୁ ମାଗଣାରେ ସେବନ କରାଇବେ। ସେଥିପାଇଁ ସେ ବଡ଼ଦାଣ୍ଡରେ ପ୍ରତିଷ୍ଠା କଲେ 'ଅହିଛତ୍ର ମଠ'। ଏମାର ମଠ ମାର୍ଫତରେ ଅହିଛତ୍ର ମଠ ପକ୍ଷରୁ ଏମାର ମଠ ଚକଡ଼ାରେ ମହାପ୍ରସାଦ ମାଗଣା ବାଟିଂବାର ବ୍ୟବସ୍ଥା କରାଇଥିଲେ। ପରବର୍ତ୍ତୀ ସମୟରେ ଅହିଛତ୍ର ମଠକୁ ଶ୍ରୀମନ୍ଦିର ପ୍ରଶାସନ ନୂଆରୂପ ଦେଇ ନିର୍ମାଣ କରିଛି 'ଭକ୍ତ ନିବାସ'। ତେବେ ଏହି ମହାପ୍ରସାଦ ସେବା ଏବେ ବନ୍ଦ ହୋଇଯାଇଛି। ଶାସ୍ତ୍ର ଅନୁଯାୟୀ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଅନ୍ୟନାମ ଅନ୍ନଦାନ କ୍ଷେତ୍ର। ଏଠାରେ ବ୍ରାହ୍ମଣଙ୍କୁ ମହାପ୍ରସାଦ ଦାନ କଲେ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହଏ। ମହାପ୍ରସାଦ ସେବନ କରିବା ପାଇଁ ଅନେକ ଆଚାର୍ଯ୍ୟ ନିଜ ନିଜର ସ୍ୱତନ୍ତ୍ର ମନ୍ତ୍ର ପାଠ କରୁଥିଲେ। ଜୀବନରେ ମହାପ୍ରସାଦ ଚେତନା ଆମ ସମସ୍ତଙ୍କ ପାଇଁ ସ୍ୱର୍ଗୀୟ ଅମୃତ। ଏହି କୈବଲ୍ୟ ମହାପ୍ରସାଦର ଚେତନା ହେଉଛି ଶ୍ରୀଜଗନ୍ନାଥଙ୍କର କରୁଣ ।

# ପ୍ରେସ୍ ସ୍ୱାଧୀନତା

ଗତକାଲି ଥିଲା ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ। ଆନ୍ତର୍ଜାତିକ ସଙ୍ଗଠନ 'ରିପୋର୍ଟସ ଉଇଦାଉଟ ବର୍ଡ଼ର୍ସ'ର ସଦ୍ୟତମ ତଥ୍ୟ ଅନୁଯାୟୀ ଗତ ପଚିଶ ବର୍ଷ ମଧରେ ସାମ୍ବାଦିକତାର ସ୍ୱାଧୀନତା ବିଶ୍ୱରେ ସବୁଠାରୁ ନିମ୍ନସ୍ତରକୁ ଖସି ଆସିଛି। ଇତିହାସରେ ପ୍ରଥମଥର ପାଇଁ ବିଶ୍ୱର ପାଖାପାଖି ଅଧାରୁ ଅଧିକ ଦେଶରେ ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ପାଇଁ ଏହା ଅଶୁଭ ସଙ୍କେତ। ୨୦୨୬ ସୂଚକାଙ୍କରେ ଭାରତର ସ୍ଥିତି ସାରା ବିଶ୍ୱର ୧୮୦ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୭ତମ ସ୍ଥାନରେ ରହିଛି। ସୂଚନାଥାଉକି ଫ୍ରାନ୍ସର ଏକ ସଙ୍ଗଠନ ରିପୋର୍ଟସ ଉଇଦାଉଟ ବର୍ଡ଼ର୍ସ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ୧୮୦ଟିଦେଶରେ ଗଣମାଧମ ସଂସ୍ଥାମାନେ କିଭଳି ସ୍ୱାଧିନୀତା ଉପଭୋଗ କରୁଛନ୍ତି ତାହାକୁ ନେଇ ଏକ ସୂଚକାଙ୍କ ପ୍ରକାଶ କରିଥାଏ। ୨୦୦୨ରୁ ଏହି ଗଣନା ଆରମ୍ଭ ହେବାପର ଠାରୁ ପ୍ରଥମଥର ପାଇଁ ବିଶ୍ୱର ଅଧାରୁ ଅଧିକ ଦେଶରେ ପ୍ରେସ ସ୍ୱାଧୀନତା ଅତ୍ୟନ୍ତ ଗମ୍ଭୀର ଶ୍ରେଣୀଭୁକ୍ତ ହୋଇଛି। ମାତ୍ର ସାତଟି ଦେଶରେ ସାମ୍ବାଦିକତା ପାଇଁ ଉନ୍ନମ ପରିବେଶ ରହିଛି। ସେ ଦେଶ ଭିତରୁ ଶୀର୍ଷରେ ରହିଛି ନେଦରଲ୍ୟାଣ୍ଡସ, ନରୱେ, ଇଷ୍ଟୋନିଆ। ଆମେରିକାର ସ୍ଥାନ ୬୪ରେ ରହିଛି। ପାକିସ୍ଥାନର ସ୍ଥାନ ୧୫୩ ରହିଥିବାବେଳେ ଋଷିଆର ସ୍ଥାନ ୧୭୨ ଓ ଇରାନର ସ୍ଥାନ ୧୭୭। ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମର୍ଥବୋଧକ ଥିଲା । ସେବା ଥିଲା ସାମ୍ବାଦିକତାର ଭିତି । ଦେଶକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ସାମ୍ବାଦିକତାର ଲକ୍ଷ୍ୟ । ଲକ୍ଷ୍ୟ ଥିଲା ଦେଶବାସୀଙ୍କୁ କେମିତି ଦେଶ ବିଷୟରେ, ସମାଜ ବିଷୟରେ ସଚେତନ କରାଇ ବିଭିନ୍ନ ବିଷୟରେ ଜ୍ଞାନ ପ୍ରଦାନ କରିବା । ଗଣମାଧମ ଗଣ ସାହିତ୍ୟ ଓ ଗଣତନ୍ତ୍ର ଏମାନଙ୍କ ମଧରେ ନିବିଡ଼ ସମ୍ପର୍କ ରହି ଆସିଛି ଢ଼େର ବର୍ଷ ତଳୁ । ଖବର କାଗଜ ପିଠିରେ ଚଢ଼ି ପାଠକ ସଂଖ୍ୟାବୃଦ୍ଧି ହୋଇଗଲା ବୋଲି କହିଲେ ସାହିତ୍ୟ ଗଣ ସାହିତ୍ୟ ହୁଏନାହିଁ କି ଗଣତନ୍ତ୍ରରେ ତାର ପ୍ରକୃତ ଭୂମିକା ନିଭେଇ ପାରେ ନାହିଁ । ସଂପ୍ରତି ଅଧିକାଂଶ ଗଣତାନ୍ତ୍ରିକ ରାଷ୍ଟ୍ର ସନ୍ତ୍ରାସବାଦ ବିରୋଧରେ ସଂକଳ୍ପ ନେଉଥିବାବେଳେ ଆଭ୍ୟନ୍ତରୀଣସ୍ଥିତି ଦୃଷ୍ଟିରୁ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍ଗୀନ ବୋଲି କହିଲେ ଭୁଲ ହେବନାହିଁ । ଏହି ପରିସ୍ଥିତିରେ ସଂପୃକ୍ତି ରାଷ୍ଟ୍ରରେ ପ୍ରେସ୍ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି । ସମ୍ବାଦପତ୍ରର ଦାୟିତ୍ୱବୋଧତା ସମ୍ପର୍କରେ ଯେଉଁ ପ୍ରଶ୍ନ ଉଠିଥାଏ ତାହା ବାସ୍ତବିକ ଜଟିଳ । ସମ୍ବାଦ ପତ୍ରର ସୃଷ୍ଟି ସମ୍ବନ୍ଧରେ କେବଳ ବ୍ୟବସାୟ ପାଇଁ କେହି ତତ୍କାଳୀନ ସମୟକୁ ଦେଖି ସମ୍ବାଦପତ୍ର କଥା ଚିନ୍ତା କରିନଥିଲେ । ରାଜନୈତିକ ପଥ ବା ସାମାଜିକ ପ୍ରତିବଦ୍ଧତା କିମ୍ବା ବୌଦ୍ଧିକ ଅଭିରୁଚି ହିଁ ଥିଲା ସମ୍ବାଦ ପ୍ରକାଶ ପ୍ରକାଶନ ଭୂମି । ଭାରତ କିମ୍ବା ଆମେରିକା ସ୍ୱାଧୀନତା ପାଇଁ ସଂଗ୍ରାମ ପରିପ୍ରେକ୍ଷୀରେ ସମ୍ବାଦପତ୍ର ପ୍ରକାଶନ ଅର୍ନିବାର୍ଯ୍ୟ ହୋଇପଡ଼ିଥିଲା । ନିଜର ରାଜନୈତିକ ଅଧିକାର ସାବ୍ୟସ୍ତ ପାଇଁ ଏହି ସମ୍ବାଦପତ୍ର ଗୁଡ଼ିକ ଗୋଟିଏ ଗୋଟିଏ ଦେଶର, ସମାଜର ମୁଖପତ୍ର ହୋଇଥିଲା । ଏବଂ ସମ୍ବାଦ ପତ୍ର ଆନ୍ଦୋଳନର ଏକ ଆୟୁଦ୍ଧ ହୋଇପଡ଼ିଥିଲା । ସମ୍ବାଦପତ୍ର ଗୁଡ଼ିକ ଥିଲା ଜନମତ ସାବ୍ୟସ୍ତର ମୁକ୍ତମଂଚ । ଆମ ସମ୍ବିଧାନର ୧୯ଧାରା (୧) ଉପଧାରା ସାତଟି ସ୍ୱାଧୀନତାକୁ ମୌଳିକ ଅଧିକାରର ସ୍ୱୀକୃତି ଦେଇଛି । କିନ୍ତୁ ତାହା ଉପରେ ପାଚଂଟି ସୀମା ରଖିଦେଇଛି । ସମ୍ବାଦପତ୍ରର ସ୍ୱାଧୀନତା ବୋଲି ଗୋଟିଏ କିଛି ଅଧିକାର ସିଧାସଳଖ ଲେଖାଯାଇ ନାହିଁ । ସାତଟି ଭିତରୁ ପ୍ରଥମ ଓ ଶେଷଟିକୁ ମିଶାଇଲେ ସମ୍ବାଦପତ୍ରର ସ୍ୱାଧୀନତା, ଫ୍ରିଡମ୍ ଅଫ୍ ଦ ପ୍ରେସ୍ ମିଳେ । ଧାରା ୧୯(ଏ-କ) ଦେଇଛି ଭାଷଣ ଦେବା ଓ କହିବାର ସ୍ୱାଧୀନତା ଓ ୧୯(୧୬) ବୃତି ବେପାର, ବାଣିଜ୍ୟ ବା ବ୍ୟବସାୟର ସ୍ୱାଧୀନତା । ଦୁଇଟି ଯାକ ମିଶିଲେ ଆମେ ସାମ୍ବାଦିକତାର ପେଷା - ଖବର ନେଇ ଛପାଇବା ଓ ପ୍ରକାଶ କରିବାର ଅଧିକାର ପାଇବା । ତାହାହିଁ ଉଚ୍ଚତମ ବିଚାରାଳୟର ରାୟ । ୧୯ ଧାରାର ଉପଧାରା ୬ରେ ରାଷ୍ଟ୍ରର, ଅର୍ଥାତ୍ ସରକାରଙ୍କ ଅଧିକାର କଥା କୁହାଯାଇଛି । ସରକାରଙ୍କ ଯାହା ଅଧିକାର ସାମ୍ବାଦିକତାର ତାହା କର୍ତବ୍ୟ, ଅର୍ଥାତ୍ ତାର ଅଧିକାରର ସୀମା । ଧାରା ୧୯ରେ ଉପଧାରା ୨ ଯେଉଁ କଟକଣା ରଖିଛି ତାହା ଯୁକ୍ତି ଯୁକ୍ତ ବା ରିଜନେବ୍ଲ ରେଷ୍ଟ୍ରିକ୍ସନ୍ ଭଳି ଲାଗୁ ହେବ ନାହିଁ । ବିଂଶ ଶତାବ୍ଦୀର ଶେଷ ଦଶକରେ ବିଶ୍ୱରେ ଶୀତଳ ଯୁଦ୍ଧର ଅବସାନ, ସୋଭିଏତ୍ ଋଷ ଓ ୱାରସ୍ ମେଚଂର ପତନ ତଥା ଏକ ଧ୍ରୁବୀୟ ବିଶ୍ୱର ଉତ୍ଥାନ ଓ ତହିଁରେ ଆମେରିକାର ସର୍ବଶକ୍ତିମାନ ସ୍ଥାନ ଗ୍ରହଣ ଫଳରେ ଯେଉଁ ସୂଚନା ପ୍ରଯୁକ୍ତିର ବୈପ୍ଳବିକ କ୍ରାନ୍ତି ସୃଷ୍ଟି ହେଲା ଠିକ୍ ସେହିଠି ହିଁ ଦୂର ସଂଚାର, ତଥ୍ୟ ଓ ସୂଚନା ଆଦାନପ୍ରଦାନର ପ୍ରେସ୍ ପାଇଁ ନୂଆ କ୍ରାନ୍ତି ସୃଷ୍ଟି ହେଲା । ସମ୍ବାଦପତ୍ରର ଦାୟିତ୍ୱବୋଧତା ସଂପର୍କରେ ବିଭିନ୍ନ ମଚଂରେ ପ୍ରେସ୍ ସ୍ୱାଧୀନତା ଆଲୋଚନା ହୋଇଥାଏ । ଗୋଟିଏ ଗଣତନ୍ତ୍ରର କାର୍ଯ୍ୟକାରିତା ପାଇଁ ମୁକ୍ତ ଓ ଅବାଧ ସମ୍ବାଦପତ୍ରର ଭୂମିକା କଥା ପୃଥିବୀର ବହୁ ମହାନ୍ ନେତା ମୁକ୍ତ କଣ୍ଠରେ ସ୍ୱୀକାର କରି ଯାଇଛନ୍ତି । ମାତ୍ର ଭାରତ ପରିପ୍ରେକ୍ଷୀରେ ଏହି ସ୍ୱାଧୀନତା ଏପର୍ଯ୍ୟନ୍ତ ଏକ ଆପେକ୍ଷିକ ସ୍ୱାଧୀନତା ହୋଇ ହିଁ ରହିଯାଇଛି । ସମାଜର ପ୍ରତ୍ୟାଶା ହିଁ କର୍ନ୍ନବ୍ୟର ପରିଭାଷା ନିର୍ମାଣ କରିଥାଏ । ସମାଜର ଆଶାକୁ ମହାତ୍ମା ଗାନ୍ଧୀଙ୍କ ଭାଷାକୁ ନିମ୍ନ ମତେ ପ୍ରକାଶ କରାଯାଇ ପାରେ । ଏହା ତାର ପାଠକବର୍ଗର ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରେ । ଆଗେଇ ଚାଲ । ମାତ୍ର ପ୍ରକୃତ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଭାରତର ସମ୍ବାଦପତ୍ର ଗୁଡ଼ିକ ଯେଉଁ କିଛି ସ୍ୱାଧୀନତା ଉପଭୋଗ କରୁଛନ୍ତି ସେଗୁଡ଼ିକ ନିୟନ୍ତ୍ରିତ ସ୍ୱାଧୀନତା । ସମ୍ବାଦପତ୍ର ଆଜି ଜନମତ ଅସ୍ତ୍ର ନୁହେଁ ବରଂ କ୍ଷମତାତନ୍ତ୍ରର ଆଉ ଗୋଟିଏ ଅଙ୍ଗ ହୋଇପଡ଼ିଲାଣି ବୋଲି ଆଶଙ୍କା ହେଉଛି । ସମ୍ବାଦପତ୍ରମାନେ ଗୋଟିଏ ଷ୍ଟାଣ୍ଡାର୍ଡ ନିର୍ଦ୍ଦିଷ୍ଟ କରିସାରିଲେଣି ଯେ, ଭଲ କରନ୍ତୁ ବା ଖରାପ କରନ୍ତୁ, ସେହିମାନେ ହିଁ ସମ୍ବାଦପତ୍ରର ଅଗ୍ରପୂଜ୍ୟ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# କଳାରତ୍ନ ବଂଶୀଧର କରଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି



ସମ୍ବଲପୁର,୧୧/୭(ନି/ପ୍ର): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଭାଲୁବକ୍ଷହାଲ ଏକକ୍ଷତ୍ର ବିହାର ସ୍ଥାୟୀ ବାସିନ୍ଦା ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ କଳାରତ୍ନ ବଂଶୀଧର କରଙ୍କୁ ନୂଆଦିଲ୍ଲୀ ସ୍ଥିତ ଜ୍ଞାନଦାନ ଫାଉଣ୍ଡେସନ ପକ୍ଷରୁ କଟକ ସ୍ଥିତ ଶତାବ୍ଦୀ ଭବନ ଠାରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଭା ସମ୍ମାନ ପ୍ରଦାନ ସମାରୋହରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି ଓ ସୂଚନା ଯୋଗ୍ୟ କି ଡକ୍ଟର କର ରାଜ୍ଯ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରେ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇ ଗ୍ରାମାଂଚଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟ ଠାରୁ ଚାକିରି ରୁ ଅବସର ନେବା ପରେ ମଧ୍ୟ ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀ ଜନସାଧାରଣଙ୍କ ବିକାଶ ପାଇଁ ସାମଜିକ କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ସ୍ୱାସ୍ଥ୍ୟ ସେବା ଯୋଗାଇବା, ପ୍ରକୃତି ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା, କମ୍ୟୁନିଟୀ ପୋଲିସ ସେବା ସଂଗଠନ ମାଧ୍ୟମରେ ପୋଲିସ ପ୍ରଶାସନକୁ ଲୋକାଭମୁଖୀ କରି ଜନସାଧାରଣଙ୍କ ଧନ ଜୀବନକୁ ସୁରକ୍ଷା ଦେବା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା ସହାୟତା ଯୋଗାଇବା, ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଭାବଗତ ସମ୍ପର୍କକୁ ସୁଦୃଢ଼ କରାଇ ଜନ ସମ୍ପର୍କ ଦୃଢ଼ କରାଇବା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ବହୁମୁଖୀ ଜନ ସେବା ଯୋଗାଇବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ଡକ୍ଟର କର ରାଜ୍ଯ ସରକାରଙ୍କ ବିଭିନ୍ନ ବିଭାଗ, ଜିଲ୍ଲା ପ୍ରସାଶନ, ସାମଜିକ ତଥା ସାଂସ୍କୃତିକ ସେବା ଅନୁଷ୍ଠାନ ପକ୍ଷରୁ ବହୁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରାପ୍ତ ହୋଇଥିବାବେଳେ ଜଙ୍ଗଲ ପରିବେଷ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ହୋଅଛନ୍ତି ଓ ଏତଦ୍ ଭିନ୍ନ ଡକ୍ଟର କର ବହୁ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ର କର୍ମକର୍ତା ଭାବରେ ସାଂଗଠନିକ ଦାୟିତ୍ୱ ମଧ୍ଯ ତୁଲାଉଛନ୍ତି । ତାଙ୍କର ଏହି ସଫଳତା ପଛରେ ତାଙ୍କର ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିରନ୍ତର ପ୍ରୟାସ, ସମାଜ ପାଇଁ କିଛି ନୁଆ କରିବାର ନିଶା ତାଙ୍କୁ ସଫଳତା ପ୍ରତି ବାଟ ଦେଖାଇଛି ଓ ଡକ୍ଟର କର ତାଙ୍କ ସ୍ୱର୍ଗତକ୍ଷ ମାତା ସାରାରାଣୀ କର ଓ ପିତା ଧରଣୀଧର କର ବଡ଼ବାପା ସ୍ୱର୍ଗତ କୃଷ୍ଣଚନ୍ଦ୍ର କର, ବଡ଼ଭାଇ ନରହରି କର, ଭାଉଜ ସୁକଲ୍ୟାଣୀ କର, ବଡ଼ ଭାଇ ଆଇନଜୀବୀ ସ୍ୱର୍ଗତ ନିରଞ୍ଜନ କର ଓ ଭାଉଜ ଜେମକ୍ଷଦେବୀ ଙ୍କୁ ସମର୍ପଣ କରିଛନ୍ତି ଓ ଈଶ୍ୱରଙ୍କ କୃପା ଦୃଷ୍ଟି, ମହାପୁରୁଷ ମନଙ୍କ ଆଶୀର୍ବାଦ ତଥା ସାଥୀ ସହଯୋଗୀ ମକ୍ଷନଙ୍କ ଭଲପାଇବା ସାହାଯ୍ୟ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କୁକୁରଜଙ୍ଘା ରଥଯାତ୍ରା ପାଇଁ ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



ଝାରସୁଗୁଡ଼ା,୧୧/୭(ନି/ପ୍ର): ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୁକୁରଜଙ୍ଘା ସ୍ଥିତ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପବିତ୍ର ରଥଯାତ୍ରା-୨୦୨୬ ର ସୁପରିଚାଳନା ପାଇଁ ଆଜି ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି । ରଥଯାତ୍ରା ସମୟରେ ମନ୍ଦିର ପରିଚାଳନା କମିଟି କୌଣସି ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପ କରିପାରିବେ ନାହିଁ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି । ସେହିପରି ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଦ୍ୱାରା ରଥଯାତ୍ରା ପୂର୍ବରୁ ଅଗ୍ନି ନିରାପତା ଯାଂଚ୍ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଏହା ସହିତ ରଥଟଣା ମାର୍ଗରେ ଥିବା ବୈଦ୍ୟୁତିକ ତାର ଓ ସଂଯୋଗୀକରଣର ନିରାପନ୍ନା ସୁନିଶ୍ଚିତ କରିବା ପାଇଁ ଟାଟା ପାୱାର କର୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି, ଯେପରି ଯାତ୍ରା ସମୟରେ କୌଣସି ଅଘଟଣ ନଘଟେ । ଜନସାଧାରଣ ଓ ଭକ୍ତମାନଙ୍କ ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ମେଡିକାଲ ଟିମ୍ ଏବଂ ପ୍ରାଥମିକ ଚିକିତ୍ସାର ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ । ରଥଯାତ୍ରାର ପ୍ରତ୍ୟେକଟି ଦୃଶ୍ୟ, ନୀତିକାନ୍ତି ଏବଂ ପ୍ରଶାସନିକ ସୂଚନା ସଠିକ୍ ଭାବେ ପ୍ରସାରଣ ତଥା ପ୍ରକାଶନ କରିବା ପାଇଁ ମନ୍ଦିର କମିଟିର ସୂଚନା କେନ୍ଦ୍ର ଦ୍ୱାରା ବ୍ୟାପକ ସମନ୍ୱୟ ରକ୍ଷା କରାଯିବ । ଭକ୍ତମାନଙ୍କ ସୁବିଧା ଓ ଉତମ ସମନ୍ୱୟ ପାଇଁ ମୋଟ ୪ଟି ସୂଚନା କାଉଂଟର ଖୋଲାଯିବ । ଏହି ବୈଠକର ନିର୍ଦ୍ଧାରିତ ନିଷ୍ପତି ସମ୍ପର୍କରେ ଝାରସୁଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ସୂଚନା ପ୍ରଦାନ କରିଛନ୍ତି । ବୈଠକରେ ବିଡିଓ, ଏସଡିପିଓ, ଅଗ୍ନିଶମ ଅଧିକାରୀ, ଟାଟା ପାୱାରର ନିର୍ବାହୀ ଯନ୍ତ୍ରୀ ଏବଂ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

## ଲଖନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କଲେ

ଝାରସୁଗୁଡ଼ା,୧୧/୭(ନି/ପ୍ର) :ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚହ୍ୱାଣ  ଲଖନପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ  ହଠାତ୍ ପରିଦର୍ଶନ କରି ସେଠାକାର ଶିକ୍ଷାଦାନ ଓ ଅନ୍ୟାନ୍ୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲଖନପୁର ବ୍ଲକ୍ ଉନ୍ନୟନ ଅଧିକାରୀ  ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ । ସ୍କୁଲ୍ ପରିସରର ସ୍ୱାସ୍ଥ୍ୟକର ପରିବେଶ ଉପରେ ଗୁରୁତ୍ୱ ଦେଇ, କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛତା ଓ ନିୟମିତ ପରିମଳ ବ୍ୟବସ୍ଥା ବଜାୟ ରଖିବା ପାଇଁ ସେ ସ୍କୁଲର ଶିକ୍ଷକ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ମଧ୍ୟାହ୍ନ ଭୋଜନର  ମାନ ଯାଂଚ୍ କରିବା ପାଇଁ ନିଜେ କୋମଳମତି ଛାତ୍ରଛାତ୍ରୀମାନଙ୍କ ଗହଣରେ ବସି ଭୋଜନ କରିଥିଲେ । ଖାଦ୍ୟ ଗ୍ରହଣ କରିବା ପରେ ଏହାର ପ୍ରସ୍ତୁତି ପ୍ରଣାଳୀରେ ଅଧିକ ସୁଧାର ଆଣିବାର ଆବଶ୍ୟକତା ରହିଛି ବୋଲି ସେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କହିଥିଲେ ।

# ଝାରସୁଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ ଓ ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧୧/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ତାଙ୍କ ସହ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା 'ଆତ୍ମା' ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନନ୍ଦ ମଧ୍ୟ ଉପସ୍ଥିତ ଥିଲେ । ପରିଦର୍ଶନ କାଳରେ ଜିଲ୍ଲାପାଳ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚାଲୁ ରହିଥିବା ବିଭିନ୍ନ ଚାଷୀ ଆଭିମୁଖୀ କାର୍ଯ୍ୟକ୍ରମର ବିସ୍ତୃତ ସମୀକ୍ଷା କରିଥିଲେ । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ, ଜିଲ୍ଲାପାଳଙ୍କୁ କେନ୍ଦ୍ର ଦ୍ୱାରା କରାଯାଉଥିବା ଅନ-ଫାର୍ମ ଟେଷ୍ଟିଂ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଦି ବାଧ୍ୟତାମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଚାଷୀ ଓ ମହିଳା କୃଷି ଶ୍ରମିକମାନଙ୍କର ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ଏହିସବୁ ତାଲିମ ପ୍ରଦାନ କରାଯାଉଛି । ଏହା ସହିତ ଚାଷୀମାନଙ୍କୁ ସମୟୋପଯୋଗୀ, ବହୁଭାଷୀ କୃଷି ପରାମର୍ଶ ଏବଂ ପାଣିପାଗ ସୂଚନା ଯୋଗାଇ ଦେଉଥିବା ଡିଜିଟାଲ ପ୍ଲାଟଫର୍ମ 'କିଷାନ ସାରଥୀ (କେ୫ ୨.୦)' ର କାର୍ଯ୍ୟକାରିତାକୁ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସୂଚନା ଦେଇଛନ୍ତି ଯେ, ବର୍ଷ ୨୦୨୫-୨୬ ମଧ୍ୟରେ କେନ୍ଦ୍ର ପକ୍ଷରୁ ୧୮୦୦ ପ୍ରଶିକ୍ଷାର୍ଥୀଙ୍କୁ ନେଇ ୭୧ଟି ତାଲିମ କାର୍ଯ୍ୟକ୍ରମ, ୧୦ଟି ଅନ-ଫାର୍ମ ଟେଷ୍ଟିଂ ଏବଂ ୨୪ଟି ପ୍ରଦର୍ଶନୀ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି । ଏହା ବ୍ୟତୀତ କୃଷି ଏବଂ ଆନୁଷଙ୍ଗିକ ବିଭାଗଗୁଡ଼ିକର ସହଯୋଗରେ ଗତ ଜୁନ୍ ୧ ତାରିଖରୁ ଜୁନ୍ ୩୦ ତାରିଖ, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୫ଟି ବ୍ଲକର ୩୦ଟି ଗ୍ରାମରେ 'କ୍ଷେତ ବଂଚାଅ ଅଭିଯାନ', ସନ୍ତୁଳିତ ସାର ପ୍ରୟୋଗ ଏବଂ ପ୍ରାକୃତିକ ଚାଷ ଉପରେ ଜାତୀୟ ସଚେତନତା ଅଭିଯାନ ଭଳି ପ୍ରମୁଖ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଜିଲ୍ଲାପାଳ କେନ୍ଦ୍ର ପରିସରରେ ଚାଲୁ ରହିଥିବା କୁକୁଡ଼ା ପାଳନ ତାଲିମ ଶିବିରର ପ୍ରଶିକ୍ଷାର୍ଥୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେ ସେମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟା ଆପଣାଇବା ସହ ଲାଭଜନକ କୃଷି ଭିତିକ ବ୍ୟବସାୟ କରି ନିଜର ରୋଜଗାର ଓ ଜୀବିକାର ମାନ ସୁଦୃଢ଼ କରିବାକୁ ଉତ୍ସାହିତ କରିଥିଲେ । ଏହାପରେ ଜିଲ୍ଲାପାଳ କେନ୍ଦ୍ରର ଆଇସିଟି କେନ୍ଦ୍ର, ମୃତିକା ପରୀକ୍ଷାଗାର, ରଙ୍ଗୀନ ମାଛ ଚାଷ ୟୁନିଟ୍, ପଲି ହାଉସ୍, ଆଜୋଲା ଉତ୍ପାଦନ କେନ୍ଦ୍ର, ଖତ ଓ କମ୍ପୋଷ୍ଟ ୟୁନିଟ୍ ଏବଂ କୁକୁଡ଼ା ପାଳନ କେନ୍ଦ୍ର ବୁଲି ଦେଖିଥିଲେ । ସଂପୃକ୍ତ କୃଷି ବୈଜ୍ଞାନିକମାନେ ଏହି ସମସ୍ତ ୟୁନିଟ୍ର ପରିଚାଳନା, କାର୍ଯ୍ୟପଦ୍ଧତି ଏବଂ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷୀଙ୍କୁ ଉଦ୍ୟୋଗୀ କରିବାରେ ଏହାର ଉପାଦେୟତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ବୁଝାଇଥିଲେ । ଗସ୍ତ ଶେଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୃଷି ବିଜ୍ଞାନ କେନ୍ଦ୍ରର ଉନ୍ନତି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଚାଷୀମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ପକ୍ଷରୁ ଅଧିକ ସଂଖ୍ୟାରେ ଗୁଣାତ୍ମକ ଚାରା ଓ ରୋପଣ ସାମଗ୍ରୀ ଉତ୍ପାଦନ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମକୁ ଗ୍ରାମାଂଚଳର ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଂଚାଇବା ପାଇଁ ଭିତିଭୂମିର ବିକାଶ ଏବଂ ଆଇସିଟି ସୁବିଧାର ବ୍ୟାପକ ବ୍ୟବହାର ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

# ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୧୧/୭(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଓ ଭିତିଭୂମିର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ଲଖନପୁର ବିଡିଓ ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ । ଜିଲ୍ଲାପାଳ ମେଡିକାଲର ସ୍ଥିତି ପରଖିବା ସହ ଡାକ୍ତର, ପାରାମେଡିକାଲ କର୍ମଚାରୀ ଏବଂ ଅନ୍ୟାନ୍ୟ ଷ୍ଟାଫ୍ଙ୍କ ଉପସ୍ଥାନ ଖାତା ଯାଂଚ୍ କରିଥିଲେ । ତେବେ ମେଡିକାଲ ପରିସରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଠିକ୍ ନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସ୍ଥାନୀୟ ମେଡିକାଲ ଅଫିସର ଏବଂ ଝାରସୁଗୁଡ଼ା ସି ଡି ଏମ୍ ଓଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ କାଳରେ ଜିଲ୍ଲାପାଳ ମେଡିକାଲର ଇନଡୋର ୱାର୍ଡକୁ ଯାଇ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସହ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ମିଳୁଥିବା ଚିକିତ୍ସା ସେବା ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ଏହା ପରେ ସେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ନୂତନ ନିର୍ମାଣାଧୀନ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ନୂତନ ବିଲ୍ଡିଂ କାମକୁ ଆସନ୍ତା ମାର୍ଚ୍ଚ ୨୦୨୭ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସେଠାରେ ଉପସ୍ଥିତ ପି ଡବ୍ଲୁ ଡି ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ନୂତନ ଭାବେ ନିର୍ମିତ ହୋଇଥିବା ବିପିଏଚ୍ଓ ଅଫିସ୍ ପରିଦର୍ଶନ କରି ବିଲ୍ଡିଂରେ ଥିବା କେତେକ ତ୍ରୁଟି ବିଚ୍ୟୁତିକୁ ତୁରନ୍ତ ସୁଧାରିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କହିଛନ୍ତି ।

# ଜୁଲାଇ ୧୩ରେ ମେଗା ନିଯୁକ୍ତି ମେଳା

ଝାରସୁଗୁଡ଼ା,୧୧/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଏବଂ ଏହାର ଆଖପାଖ ଅଂଚଳର ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ଏକ ସ୍ୱତନ୍ତ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଆସନ୍ତା ଜୁଲାଇ ୧୩ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟା ୩୦ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା କଲେକ୍ଟରେଟ୍ ଅଫିସ୍ ଦ୍ୱିତୀୟ ମହଲାରେ ଥିବା ଡି ଏମ୍ ଏଫ୍ ଅଡିଟୋରିୟମ୍ ହଲ୍ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଭାରତର ଅଗ୍ରଣୀ ଟେଲିକମ୍ କମ୍ପାନୀ 'ଭାରତୀ ଏୟାରଟେଲ୍ ଲିମିଟେଡ୍' ଏହି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ବିଭିନ୍ନ ଖାଲିଥିବା ପଦବୀ ପାଇଁ ପ୍ରାର୍ଥୀ ଚୟନ କରିବ । ଏହି ନିଯୁକ୍ତି ମେଳାରେ ମୋଟ ୧୬ଟି ପଦବୀ ପାଇଁ ସାକ୍ଷାତକାର ନିଆଯିବ । ଏଥିମଧ୍ୟରେ ୧୦ଟି 'ଫିଲ୍ଡ ସେଲ୍ସ ଏକ୍ସିକ୍ୟୁଟିଭ୍' ପଦବୀ ରହିଛି, ଯେଉଁଥିପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ, ଦ୍ୱାଦଶ କିମ୍ବା ଯେକୌଣସି ବିଷୟରେ ସ୍ନାତକ ରଖାଯାଇଛି । ଏହି ପଦବୀ ପାଇଁ ଉଭୟ ମହିଳା ଓ ପୁରୁଷ ଆବେଦନ କରିପାରିବେ । ଏହା ବ୍ୟତୀତ ୫ଟି 'ଇଞ୍ଜିନିୟର ଏବଂ ୱାୟାରମ୍ୟାନ୍' ପଦବୀ ପାଇଁ ଦଶମ, +୨, ସ୍ନାତକ,  ଆଇ ଟି ଆଇ  କିମ୍ବା ଡିପ୍ଲୋମାଧାରୀ ଉଭୟ ମହିଳା ଓ ପୁରୁଷ ଆବେଦନ କରିପାରିବେ । ସମସ୍ତ ପଦବୀ ପାଇଁ ବୟସ ସୀମା ୧୮ ରୁ ୩୨ ବର୍ଷ ମଧ୍ୟରେ ହୋଇଥିବା ବେଳେ ନିଯୁକ୍ତି ସ୍ଥାନ ସମଗ୍ର ଓଡ଼ିଶା ରହିବ । ଏହି ନିଯୁକ୍ତି ମେଳାରେ ଯୋଗଦେବାକୁ ଇଚ୍ଛୁକ ଥିବା ଏବଂ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନଙ୍କୁ ନିର୍ଦ୍ଧାରିତ ତାରିଖ ଓ ସମୟରେ ସାକ୍ଷାତକାର ପାଇଁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି । ସାକ୍ଷାତକାର ସମୟରେ ପ୍ରାର୍ଥୀମାନେ ନିଜର ଅପଡେଟେଡ୍ ବାୟୋଡାଟା/ରେଜ୍ୟୁମେ, ଆଧାର କାର୍ଡ, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ମାର୍କସିଟ୍, ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ପୂର୍ବ ଅଭିଜ୍ଞତା ପ୍ରମାଣପତ୍ର (ଯଦି ଥାଏ) ଏବଂ ବୈଧ ଡ୍ରାଇଭିଂ ଲାଇସେନ୍ସର ମୂଳ ପ୍ରମାଣପତ୍ର ସହିତ ସମସ୍ତ ଦଲିଲ୍ ର ସ୍ୱ-ପ୍ରମାଣିତ ଫଟୋକପି ଆଣିବା ଜରୁରୀ ବୋଲି ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

# ମହାନଦୀ ବିସର୍ଜନ ପୋଖରୀ ନିକଟରେ ବାୟୋ-ମେଡିକାଲର ଆବର୍ଜନା ଗଦା

ସମ୍ବଲପୁର,୧୧/୭(ନି/ପ୍ର): ସମ୍ବଲପୁର କଚେରୀ ଛକ ନିକଟସ୍ଥ ମହାନଦୀ ବିସର୍ଜନ ପୋଖରୀ ନିକଟରେ ବାୟୋ-ମେଡିକାଲର ଆବର୍ଜନା ବର୍ଜ୍ୟବସ୍ତୁ ଜରିବସ୍ତାରେ ବାନ୍ଧି ଖୋଲା ସ୍ଥାନରେ ପକାଯାଇଥିବା ଘଟଣାକୁ ସାଧନାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଖବର ପାଇବା ପରେ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ ଖତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଏକଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସୁଶାନ୍ତ କୁମାର ସାହୁ, ଏନଫୋର୍ସମେଂଟ ଅଫିସର ତଥା ନୋଡାଲ ଅଫିସର (ସ୍ୱଚ୍ଛତା)ଙ୍କ ନେତୃତ୍ୱରେ ସ୍ୱଚ୍ଛତା ଦଳ ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ ଓ ସଂଗୃହୀତ ପ୍ରମାଣରୁ ଜଣାପଡିଲା ଯେ ଉକ୍ତ ବାୟୋ-ମେଡିକାଲ ବର୍ଜ୍ୟ କୌଣସି ଘରୋଇ ନର୍ସିହୋମରୁ ଫିଙ୍ଗା ଯାଇଥିବା ସନ୍ଦେହ ହେଉଛି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ତତ୍କାଳ ଅବଗତ କରାଯାଇ ବିହିତ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି । ଯାହାଦ୍ୱାରା ବିସ୍ତୃତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ହେଲେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଅଭିଯୁକ୍ତକୁ ସଠିକ୍ ଚିହ୍ନଟ କରିନପାରି ନିକଟରେ ଥିବା ବିଦ୍ୟା ବିକାଶ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡିଛି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦାଖଲ କରିବାକୁ ମଧ୍ୟ କୁହାଯାଇଛି । ସମ୍ବଲପୁର ମହାନଗର ନିଗମ ପରିବେଶ ଓ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରିବ ନାହିଁ ଏବଂ ସହରର ପରିବେଶ ସୁରକ୍ଷା ଓ ପରିଷ୍କାରତା ରକ୍ଷା ପାଇଁ ଆଗାମୀ ଦିନରେ ମଧ୍ୟ ଏପରି ଅଭିଯାନ ଜାରି ରହିବ ବୋଲି ସ୍ପଷ୍ଟ କରିଛି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧୧/୭(ନି/ପ୍ର): ଜିଲ୍ଲାପାଳ  କୁଣାଲ ମୋତିରାମ ଚହ୍ୱାଣ ଲଖନପୁର ବ୍ଲକ୍ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଠାତ୍ ପରିଦର୍ଶନ କରି ବିଦ୍ୟାଳୟର ଭିତିଭୂମି ଓ ଶିକ୍ଷାଦାନର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲଖନପୁର ବିଡିଓ  ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଯୋଗାଇ ଦିଆଯାଇଥିବା ସ୍କୁଲ୍ ପୋଷାକର ଗୁଣବନ୍ତା ଯାଂଚ୍ କରିଥିଲେ । ପୋଷାକର ମାନ ସନ୍ତୋଷଜନକ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଯୋଗାଣକାରୀଙ୍କ ପ୍ରାପ୍ୟ ବନ୍ଦ ରଖିବାକୁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍କୁଲରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ ଦେଇ ସେ ସେନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନ୍ ଏବଂ ଇନସିନେରେଟରର କାର୍ଯ୍ୟକାରିତା ପରଖିଥିଲେ । ସ୍କୁଲର ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମିଳୁଥିବା ସ୍କୁଲ୍ ବସ୍ ସେବା ଏବଂ ପରିମଳ ବ୍ୟବସ୍ଥା ସମ୍ପର୍କରେ ସେ ପିଲାମାନଙ୍କ ସହ ଆଲୋଚନା କରିଥିଲେ । ତେବେ ପରିଦର୍ଶନ ସମୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା ବେଳେ ପିଲାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ସ୍ତର ଆଶାନୁରୂପ ନଥିବା ଜିଲ୍ଲାପାଳ ଲକ୍ଷ୍ୟ କରିଥିଲେ । ଏଥିପାଇଁ ସେ ବିଦ୍ୟାଳୟର ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କ ଉପରେ କ୍ଷୋଭ ପ୍ରକାଶ କରିବା ସହ ଶିକ୍ଷାଦାନର ମାନରେ ତୁରନ୍ତ ସୁଧାର ଆଣିବାକୁ କଡ଼ା ତାଗିଦ୍ କରିଛନ୍ତି ।

# ବନ ମହୋତ୍ସବ ସପ୍ତାହ ଅବସରରେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ମେଗା ବୃକ୍ଷରୋପଣ

ସମ୍ବଲପୁର,୧୧/୭(ନି/ପ୍ର) : ପରିବେଶ ସୁରକ୍ଷା ଓ ନିରନ୍ତର ବିକାଶ ପ୍ରତିବଦ୍ଧତା ପୂର୍ବକ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବନ ମହୋତ୍ସବ ସପ୍ତାହ-୨୦୨୬ ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲୁଓଡିଏଲ୍ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧୀନରେ ଏହି କାର ?ୟକ୍ରମ ସହଯୋଗୀ ସଂସ୍ଥା 'ଆଲୋକ'ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । 'ଆଜି ଗୋଟିଏ ଗଛ, ଆସନ୍ତାକାଲି ହଜାର ହସ' ବନ ମହୋତ୍ସବର ମୂଳ ବାର୍ତାକୁ ସାକାର କରି ପଶ୍ଚିମ ଓଡ଼ିଶାର ୯ ଟି ଜିଲ୍ଲାରେ କମ୍ପାନୀ ପକ୍ଷରୁ ୪,୩୦୦ରୁ ଅଧିକ ଚାରାରୋପଣ କରାଯାଇଛି । ଏହି ଅଭିଯାନର ଅଧିନରେ ଗତ ଜୁଲାଇ ୫ ତାରିଖ ଦିନ ସ୍ଥାନୀୟ ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେଉଁଠାରେ ଛାତ୍ର, ଅଧ୍ୟାପକ, ବନ ବିଭାଗ ଅଧିକାରୀ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ୧,୦୦୦ ବୃକ୍ଷ ଚାରା ରୋପଣ କରିବାକୁ ଏକାଠି ହୋଇଥିଲେ । ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଏବଂ ବୁର୍ଲାର ଫରେଷ୍ଟର ରୋଶନି ନାୟକ । ପରିବେଶ ସଂରକ୍ଷଣ ପ୍ରତି ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ୨୫୦ ରୁ ଅଧିକ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଶେଷ କରି ଶିଶୁ ଓ ଯୁବପିଢ଼ିଙ୍କ ଉତ୍ସାହପୂର୍ଣ୍ଣ ସହଭାଗିତା କାର୍ଯ୍ୟକ୍ରମକୁ ଅଧିକ ପ୍ରେରଣାଦାୟକ କରିଥିଲା ଏବଂ ପରିବେଶ ସୁରକ୍ଷା ପ୍ରତି ଆଗାମୀ ପିଢ଼ିର ଦାୟିତ୍ୱବୋଧକୁ ପ୍ରତିଫଳିତ କରିଥିଲା । ବୁର୍ଲାରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ବ୍ୟତୀତ କମ୍ପାନୀ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାରେ ୧,୦୦୦, କଳାହାଣ୍ଡିରେ ୭୦୦ ଏବଂ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ସାମୁଦାୟିକ ସ୍ଥାନରେ ୧,୫୦୦ରୁ ଅଧିକ ବୃକ୍ଷ ଚାରାରୋପଣ କରାଯାଇଥିଲା । ଏହିପରି ସମୁଦାୟ ପଶ୍ଚିମ ଓଡ଼ିଶାରେ ୪,୩୦୦ରୁ ଅଧିକ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଅଭିଯାନକୁ ଆହୁରି ସୁଦୃଢ଼ କରାଯାଇଛି । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଥିଲେ, 'ଟିପିଡବ୍ଲୁଓଡିଏଲ୍ ପାଇଁ ନିରନ୍ତର ବିକାଶ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଭିନ୍ନ ଅଂଶ । ଆଜି ରୋପଣ କରାଯାଉଥିବା ପ୍ରତ୍ୟେକ ବୃକ୍ଷ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଓ ସୁରକ୍ଷିତ ପରିବେଶର ମୂଳଦୁଆ । ସମାଜ, ଶିକ୍ଷାନୁଷ୍ଠାନ ଏବଂ ଯୁବପିଢ଼ିଙ୍କ ସହଭାଗିତାରେ ଆମେ ପରିବେଶ ସୁରକ୍ଷାକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରୟାସରତ । ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ସହିତ ଏକ ସବୁଜ, ସ୍ୱଚ୍ଛ ଓ ନିରନ୍ତର ବିକାଶଶୀଳ ପଶ୍ଚିମ ଓଡ଼ିଶା ଗଠନ ଆମର ଲକ୍ଷ୍ୟ ।' ଟିପିଡବ୍ଲୁଓଡିଏଲ୍ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ, ଜୈବ ବିବିଧତାର ସୁରକ୍ଷା, ପରିବେଶ ସଚେତନତା ଏବଂ ସମୁଦାୟର ସକ୍ରିୟ ସହଭାଗିତାକୁ ପ୍ରୋତ୍ସାହିତ କରିଆସୁଛି । ଆଗାମୀ ଦିନରେ ମଧ୍ୟ ପରିବେଶ ସଂରକ୍ଷଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟକୁ ସାକାର କରିବା ପାଇଁ କମ୍ପାନୀ ଏଭଳି ଜନହିତକର ପଦକ୍ଷେପ ଜାରି ରଖିବ ।

